୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.01 Bhubaneswar Thursday February 02 2023 | ୨୬ତମ ବର୍ଷ ସଂଖ୍ୟା–୦୧ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୦୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




## ଦି’ ପଦ କଥା...

ଆଜି ଦୈନିକ ‘ପର୍ଯ୍ୟବେକ୍ଷକ’ର ୨୫ତମ ପ୍ରତିଷ୍ଠା ଦିବସ ଓ ରୌପ୍ୟ ଜୟନ୍ତୀର ବର୍ଷ । ୧୯୯୮ ମସିହା ଫେବୃଆରୀ ୨ ତାରିଖ ପବିତ୍ର ଶ୍ରୀପଞ୍ଚମୀ ଦିନ ଏହାର ଦୈନିକ ପ୍ରକାଶନର ଶୁଭାରମ୍ଭ ହୋଇଥିଲା । ଅବଶ୍ୟ ଏହା ବହୁ ବର୍ଷ ଧରି ଏକ ସାପ୍ତାହିକ ଖବର କାଗଜ ହିସାବରେ ନିଜର ଦାୟିତ୍ୱ, କର୍ତ୍ତବ୍ୟ ନିରବଚ୍ଛିନ୍ନ ଭାବେ ସମ୍ପାଦନ କରି ଆସିଅଛି । ସାଧାରଣ ଲୋକଙ୍କ ସ୍ୱାର୍ଥ ଅଧିକାର ପାଇଁ ଲଢ଼ି ଅନେକ ଥର ଶାସନ, ପ୍ରଶାସନ, ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କ ରୋଷର ଶିକାର ହୋଇଥିଲେ ମଧ୍ୟ କେବେ ବି ତା’ର ମୂଳ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହିଁ ।

ସାଧାରଣ ଲୋକଙ୍କ ପାଇଁ ଖବର ସଂଗ୍ରହ କରିବା ଏକ ସାଧାରଣ କଥା ନୁହଁ ...ଏହା ଏକ ଅସାଧାରଣ କଥା... ଏହା ଏକ ଦୁଃସାହସିକ ଅଭିଯାନ ସହିତ ତୁଳନୀୟ... ଗତ ୨୫ ବର୍ଷର ଅଭିଜ୍ଞତାର କଥା କହୁଛି ...ଖବର କାଗଜ ପରିଚାଳନା କରିବା କ୍ଷେତ୍ରରେ ଥିବା ୨୫ ବର୍ଷର ଅନୁଭବ ଆପଣମାନଙ୍କ ସମ୍ମୁଖରେ ରଖୁଛି...ଅଙ୍ଗେ ନିଭାଇଥିବା କଥା କହୁଛି...


ଶୂନ୍ୟସ୍ତମ୍ଭ

ବହୁତ ପ୍ରତିପତ୍ତିଶାଳୀ ବ୍ୟକ୍ତିବିଶେଷ ବିଭିନ୍ନ ସମୟରେ ବିଭିନ୍ନ ଖବର କାଗଜ ପ୍ରକାଶିତ କରିଛନ୍ତି. କିନ୍ତୁ କାଳର ପ୍ରଭାବରେ ହେଉ ଅବା ଅସାମଞ୍ଜସ୍ୟ ହେତୁ ହେଉ ଅବା ପରିବର୍ତ୍ତିତ ପରିସ୍ଥିତି ହେତୁ ହେଉ, ସେଥି ମଧ୍ୟରୁ ଅନେକ କାଳର ଗର୍ଭରେ ଲୀନ ହୋଇଯାଇଛନ୍ତି ... ଗତ ଦୁଇ ଦଶନ୍ଧି ମଧ୍ୟରେ ଅନେକ ଖବର କାଗଜ ଅଦୃଶ୍ୟ ହେଇଯାଇଛନ୍ତି... ଖବର କାଗଜକୁ ନେଇ ଜନସାଧାରଙ୍କର ପରିବର୍ତ୍ତିତ ମନୋଭାବ, କରୋନା ମହାମାରୀର କୋପଦୃଷ୍ଟି, ଓ ଡିଜିଟାଲ କ୍ରାନ୍ତିର ଅୟମାରମ୍ଭ ଖବର କାଗଜର ଏ ଦୁର୍ଦ୍ଦଶା ପାଇଁ ଦାୟୀ... କିନ୍ତୁ ପଙ୍ଗୁ ହେଲେ ବି ନିମାଇଁ ବଂଚିଛି... ଜୀବନ ପ୍ରତି ତାର ଦୁର୍ବାର ମୋହ ଓ ବଂଚିବାର ଜିଦ ତାକୁ ବଞ୍ଚାଇ ରଖିଛି... ସେହିପରି ଖବର ପ୍ରତି ନିଷ୍ଠା ଓ ପ୍ରେମ ରଖିଥିବା ବ୍ୟକ୍ତି ହିଁ କେବଳ ଖବର କାଗଜର ପୃଷ୍ଠପୋଷକତା କରିପାରିବ ବୋଲି ମୁଁ ବିଚାର ରଖୁଛି... କାରଣ ଏହି ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପର୍ଯ୍ୟବେକ୍ଷକ ଆଗକୁ ବଢିଚାଲିଛି... ଅନେକ ଝଡ-ଝଞ୍ଜା ଆସିଛି, ମାନ-ଅପମାନ ଆସିଛି କିନ୍ତୁ ଖବର ପରିବେଷଣ ବନ୍ଦ ହୋଇନାହିଁ... ଏଠି ପାଇବାର ଲୋଭ ନାହିଁ କିନ୍ତୁ ଆଗକୁ ମାଡି ଚାଲିବାର ଇଛାଶକ୍ତି ଅଛି...ସେଥିପାଇଁ ବୋଧ ହୁଏ ଶ୍ରୀମଦ ଭଗବଦ ଗୀତାର ଦ୍ୱିତୀୟ ଅଧ୍ୟାୟର ୪୭ତମ ପଦରେ ଉଲ୍ଲେଖ ଅଛି -- କର୍ମଣ୍ୟେ ବଧୀକାରଃସ୍ତୁ ମା ଫଳେଶୁ କଦାଚନ ---

କିନ୍ତୁ ପର୍ଯ୍ୟବେକ୍ଷକ ବିଚାର ରଖେ ସବୁକିଛି ନିଷ୍କାମ କର୍ମ ହେବା ଜରୁରୀ ନୁହେଁ... ତେଣୁ ଜନସାଧାରଣ ଅନ୍ତତଃ ଖବର ରୂପକ ଫଳର ସ୍ୱାଦ ଉପଭୋଗ କରନ୍ତୁ ଆମକୁ ପରିଶ୍ରମର ଫଳ ମିଳିଯିବ...କାରଣ ପର୍ଯ୍ୟବେକ୍ଷକ ସାଧାରଣ ଲୋକଙ୍କର ଖବର କାଗଜ... ପ୍ରଥମ ପ୍ରକାଶନ ବେଳେ ଏହାର ବିକ୍ରୟ ମୂଲ୍ୟ ଟ ୧.୫୦ ପଇସା ଥିଲା ଯାହା ଏବେ ବି ଅପରିବର୍ତ୍ତିତ । ଏଥିପାଇଁ ଆମେ ଯଥେଷ୍ଟ ଆର୍ଥିକ ଚାପର ବଶବର୍ତ୍ତୀ... ୨୫ ବର୍ଷ ପୂର୍ବରୁ ଏହା ସାଧାରଣ ଲୋକଙ୍କ ଖବରକାଗଜ ଥିଲା... ୨୫ ବର୍ଷ ପରେ ଏହା ସେମାନଙ୍କର ଖବରକାଗଜ ଅଛି ଓ ଆଗକୁ ମଧ୍ୟ ରହିବ...ଜନସାଧାରଣ ହିଁ ଏହାର ମାଲିକ, ପୃଷ୍ଠପୋଷକ ଓ ପାଠକ...

ମହାମାରୀ କରୋନାର ସଙ୍କଟମୟ ପରିସ୍ଥିତି ସତ୍ତ୍ୱେ ଏହାର ଡିଜିଟାଲ ଓ ୱେବ ସଂସ୍କରଣର ଶୁଭାରମ୍ଭ ହୋଇଥିଲା । ଆଜିର ପୂଣ୍ୟ ଜନ୍ମତିଥି ଅବସରରେ ପର୍ଯ୍ୟବେକ୍ଷକ ପରିବାର ତା’ର ସମସ୍ତ ପାଠକ / ପାଠିକା ,ଲେଖକ/ ଲେଖିକା, ସମ୍ବାଦଦାତା, ବିଜ୍ଞାପନଦାତା, କର୍ମଚାରୀ ବୃନ୍ଦ, ହକର ଓ ବିତରକ ବନ୍ଧୁଗଣ ଏବଂ ସର୍ବୋପରି ଓଡ଼ିଶାର ଜନସାଧାରଣ ତଥା ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଇ ଭଉଣୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସୁସ୍ଥ ନିରାମୟ ଜୀବନ ଓ ଆର୍ଥିକ ଉନ୍ନତି, ସ୍ୱାବଲମ୍ବିତା କାମନା କରୁଛି ।

ଜୟ ଜଗନ୍ନାଥ
ବନ୍ଦେ ଉତ୍କଳ ଜନନୀ
ଡକ୍ଟର ପବିତ୍ରମୋହନ ସାମନ୍ତରାୟ
ମୁଖ୍ୟ ସମ୍ପାଦକ, ଦୈନିକ ପର୍ଯ୍ୟବେକ୍ଷକ

















# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ । ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ । ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ । ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

## ଆଜିର ରାଶିଫଳ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।







'ପର୍ଯ୍ୟବେକ୍ଷକ'ର ରୌପ୍ୟ ଜୟନ୍ତୀ ଅବସରରେ ଓଡ଼ିଶାର ଅଗଣିତ ପାଠକ/ପାଠିକାମାନଙ୍କୁ ଶୁଭେଚ୍ଛା ସହିତ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ଥିବା ସମସ୍ତ କୃଷକ ଏବଂ ଗ୍ରାହକ ବନ୍ଧୁମାନଙ୍କୁ ଶୁଭ କାମନା ଓ ହାର୍ଦ୍ଦିକ ଅଭିନନ୍ଦନ।

ଶ୍ରୀଯୁକ୍ତ ଅଭୟ କୁମାର ଲେଙ୍କା
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ବାଙ୍କୀ କେନ୍ଦ୍ର ସମୟ ବ୍ୟାଙ୍କ
ଲିଃ... ବାଙ୍କୀ

ଶ୍ରୀଯୁକ୍ତ ସୁବାସ ପାଢ଼ୀ
ସଭାପତି
ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ
ଲିଃ...ବାଙ୍କୀ










ପର୍ଯ୍ୟବେକ୍ଷକ ଖବରକାଗଜ ବାର୍ଷିକ ଉତ୍ସବରେ ଅଗଣିତ ପାଠକ ଓ ପାଠିକା ମାନଙ୍କୁ ଅଜସ୍ର ଅଭିନନ୍ଦନ ।



ଡ. ଭଗବାନ ଗନ୍ତାୟତ
ସଭାପତି, ଏସଏମଆଇଟି, ବ୍ରହ୍ମପୁର

ପର୍ଯ୍ୟବେକ୍ଷକ ଖବରକାଗଜ ବାର୍ଷିକ ଉତ୍ସବରେ ଅଗଣିତ ପାଠକ ଓ ପାଠିକା ମାନଙ୍କୁ ଅଜସ୍ର ଅଭିନନ୍ଦନ ।



ଶ୍ରୀ ସତ୍ୟନାରାୟଣ ବେହେରା
ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା ତଥା
ବରିଷ୍ଠ ଆଇନଜୀବୀ

ପର୍ଯ୍ୟବେକ୍ଷକ ଖବରକାଗଜ ବାର୍ଷିକ ଉତ୍ସବରେ ଅଗଣିତ ପାଠକ ଓ ପାଠିକା ମାନଙ୍କୁ ଅଜସ୍ର ଅଭିନନ୍ଦନ ।



ମାଧବାନନ୍ଦ ବଳ
ପୂର୍ବତନ କୋଷାଗାର ଅଧିକାରୀ, ଧର୍ମଶାଳା







ପର୍ଯ୍ୟବେକ୍ଷକ ଖବରକାଗଜ ବାର୍ଷିକ ଉତ୍ସବରେ ଅଗଣିତ ପାଠକ ଓ ପାଠିକା ମାନଙ୍କୁ ଅଜସ୍ର ଅଭିନନ୍ଦନ ।



ଡ. କୁଶ ଚନ୍ଦ୍ର ପ୍ରଧାନ
ପୂର୍ବତନ ଅଧ୍ୟକ୍ଷ, ବ୍ୟାସନଗର ସ୍ୱୟଂଶାସିତ
ମହାବିଦ୍ୟାଳୟ, ଯାଜପୁର ରୋଡ୍










# ଆର୍ଥିକ ବର୍ଷ ୨୦୨୩-୨୪ କେନ୍ଦ୍ର ବଜେଟ୍ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ



ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ସଂସଦରେ ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ୍ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ବିକଶିତ ଭାରତ ପାଇଁ ବଜେଟ୍ ବୋଲି ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଜନକେନ୍ଦ୍ରୀକ, ଅଭିବୃଦ୍ଧି ଓ ଉତ୍ସାହପୂର୍ଣ୍ଣ ଅମୃତକାଳ ବଜେଟ୍ ଉପସ୍ଥାପନ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଚଳିତବର୍ଷ ମୋଟ ୧ ଲକ୍ଷ ୧୬ ହଜାର ୪୧୭ କୋଟି ଟଙ୍କା ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପାଇଁ ବ୍ୟବବରାଦ କରାଯାଇଛି । ଜାତୀୟ ଶିକ୍ଷା ନୀତିକୁ କ୍ରିୟାନ୍ୱୟନ କରିବା ପାଇଁ ଚଳିତବର୍ଷ ପ୍ରଥମ ଥର ଶିକ୍ଷା ବିଭାଗରେ ସର୍ବାଧିକ ୧ ଲକ୍ଷ ୧୨ ହଜାର ୮୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହାବ୍ୟତିତ ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ପାଇଁ ୩ ହଜାର ୫୧୭ କୋଟି ଟଙ୍କା ଆବଂଟନ ହୋଇଛି ।ଏନଇପିକୁ କ୍ରିୟାନ୍ୱୟନ କରିବାରେ ଶିକ୍ଷକ ମାନଙ୍କର ଭୂମିକା ମହତ୍ୱପୂର୍ଣ୍ଣ । ଏଥିପାଇଁ ବଜେଟରେ ଶିକ୍ଷକ ମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ତଥା ସେମାନଙ୍କ କ୍ଷମତା ବୃଦ୍ଧି ପାଇଁ ତାଲିମ ଦିଆଯିବା ଭଳି ଡାଏଟ(ଡିଷ୍ଟ୍ରିକ୍ଟ ଇନଷ୍ଟିଚ୍ୟୁସନ ଫର ଏଜ୍ୟୁକେସନ ଆଣ୍ଡ ଟ୍ରେନିଂ)କୁ ଅପଗ୍ରେଡେସନ କରାଯାଇଛି । ଶିଶୁଙ୍କ ଜ୍ଞାନ ବଢାଇବା ପାଇଁ ଏବଂ ସମଗ୍ର ଭାରତବର୍ଷର ବିଷୟ ଉପରେ ଜ୍ଞାନ ଆହରଣ କରିବା ପାଇଁ ଜାତୀୟ ଡିଜିଟାଲ ଲାଇବ୍ରେରୀର କଳ୍ପନା କରାଯାଇଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଆମ ଦେଶର ଲକ୍ଷାଧିକ ଯୁବକ ଯୁବତୀଙ୍କୁ ଅତ୍ୟାଧୁନିକ ପାଠ୍ୟକ୍ରମ ଯଥା କୋଡିଂ, ରୋବୋଟିକ, ଡ୍ରୋନ, ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ସଫ୍ଟ ସ୍କିଲ କ୍ଷେତ୍ରରେ କୁଶଳୀ କରାଯିବ । ୩୦ ସ୍କିଲ ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟର ପ୍ରତିଷ୍ଠା କରାଯାଇ ଯୁବକଙ୍କୁ ଦକ୍ଷ କରାଯିବ । ୧୫୭ ମେଡିକାଲ କଲେଜରେ ୧୫୭ ନର୍ସିଂ କଲେଜ୍ ସ୍ଥାପନ ହେବ । ଦେଶରେ ୭୪୦ଟି ଏକଲବ୍ୟ ସ୍କୁଲ ଗୁଡିକରେ ୩୮ ହଜାର ୮୦୦ ଶିକ୍ଷକ ଓ ସହାୟକଙ୍କୁ ନିଯୁକ୍ତି ଦିଆଯିବ । ଏହା ଦ୍ୱାରା ୩.୫ ଲକ୍ଷ ଜନଜାତି ଛାତ୍ରଛାତ୍ରୀ ଲାଭ ପାଇବେ । ପ୍ରଧାନମନ୍ତ୍ରୀ କୌଶଲ୍ୟ ବିକାଶ ଯୋଜନା,'ଏଗ୍ରିକଲଚୁରାଲ୍ ଏକ୍ସଲେର୍ଟ ଫଣ୍ଡ୍' ଗଠନ, ମତ୍ସ୍ୟ ଚାଷ ଓ ଦୁଗ୍ଧଜାତ ସାମଗ୍ରୀ ଉପରେ ଧ୍ୟାନ ନିବେଶ, ମିଲେଟ୍‌କୁ ପ୍ରୋତ୍ସାହନ ପାଇଁ 'ଶ୍ରୀଅନ୍ନ', ମିଷ୍ଟି ଯୋଜନା, ପର୍ଯ୍ୟଟନକୁ ଗୁରୁତ୍ୱ, ପ୍ରମିଟିଭ୍ ଜନଜାତିଙ୍କ ବିକାଶ ପାଇଁ ୧୫ ହଜାର କୋଟି ଟଙ୍କାର ବ୍ୟୟବରାଦ ହେବ । ୱାନ ଡିଷ୍ଟ୍ରିକ୍ଟ- ୱାନ ପ୍ରଡକ୍ଟ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବା ପାଇଁ ମଲ୍ ନିର୍ମାଣ ହେବ । ସବୁଜ ଅର୍ଥନୀତିକୁ ଗୁରୁତ୍ୱ, ଏମଏସଏମଇ ଓ କର୍ପୋରେଟ୍ କ୍ଷେତ୍ର ଏବଂ ଡିଜିଟାଲ ଭିତିଭୂମି ଆହୁରି ସୁଦୃଢ଼ ହେବ । ଏହା ଦ୍ୱାରା ଓଡ଼ିଶା ବିଶେଷ ଲାଭ ପାଇବ । ଗ୍ରାମୀଣ ଓ କ୍ଷୁଦ୍ର ସହରକୁ ଗତି ଦେଲା ଭଳି ବଜେଟ୍ ହୋଇଛି । ବଜେଟ୍ ଭାରତବର୍ଷର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।ସମସ୍ତଙ୍କ ପାଇଁ ହୋଇଥିବା ଏହି ବଜେଟ୍ ଗରିବଙ୍କୁ ସଶକ୍ତ କରିବ ଏବଂ ଅନ୍ତିମ ଶ୍ରେଣୀର ଲୋକଙ୍କ ପାଖରେ ଲାଭ ପହଂଚିବ । ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ବିକାଶ, ଡିଜିଟାଲ ଭିତିଭୂମି, ସବୁଜ ଅର୍ଥନୀତି ଏବଂ ରୋଜଗାର କ୍ଷେତ୍ରକୁ ମଜଭୂତ କରିବା ଭଳି ବଜେଟ୍ । ଏହି ବଜେଟ୍ ଭାରତ ପାଇଁ ଏକ ଦାୟିତ୍ୱବାନ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିଛି, ଯାହା ଦେଶକୁ ଟେକ୍ନୋଲୋଜି ଭିତିରେ ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇବ । ଆଗାମୀ ୨୫ ବର୍ଷକୁ ଧ୍ୟାନରେ ରଖି ହୋଇଥିବା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଏହି ବଜେଟ୍ ବିକଶିତ ଭାରତର ମୂଳଦୁଆ ପକାଇଛି । 'ମହିଳା ସମ୍ମାନ ସଂଚୟ ଯୋଜନା'ରେ ମହିଳା ମାନଙ୍କୁ ବ୍ୟବସାୟ ସହ ଯୋଡିବା ଏବଂ ସଶକ୍ତ ଓ ଆତ୍ମନିର୍ଭର କରିବା ଦିଗରେ ଧ୍ୟାନ ଦିଆଯାଇଛି । ଏକବିଂଶ ଶତାବ୍ଦୀର କାର୍ଯ୍ୟଶୈଳୀକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ ହୋଇଛି । ଆୟକର ସ୍ଲାବ ସୀମା ୫ ଲକ୍ଷରୁ ୭ ଲକ୍ଷକୁ ବୃଦ୍ଧି କରାଯାଇଛି । ଟିକସ ରିହାତି ନିମ୍ନ ଓ ମଧ୍ୟବିତଙ୍କୁ ଆର୍ଥିକ ବୋଝରୁ ମୁକ୍ତ କରିବ । ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଛି । ଚ୍ୟାଲେଞ୍ଜି ଆଧାରରେ ୫୦ଟି ଅତିରିକ୍ତ ବିମାନବନ୍ଦର, ଏୟାରଷ୍ଟ୍ରିପର ହେବ ପୁନରୁଦ୍ଧାର ହେବା ଦ୍ୱାରା ବିଶ୍ୱସ୍ତରୀୟ ପର୍ଯ୍ୟଟନ ସୁବିଧା ପର୍ଯ୍ୟଟକଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

# ଉଠା ଜଳ ସେଚନ କେନ୍ଦ୍ରାପଡା ବିଭାଜନ ପକ୍ଷରୁ ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ର ତିନିମୁହାଣୀ ସ୍ଥିତ ଉଠା ଜଳ ସେଚନ ଖଣ୍ଡ କେନ୍ଦ୍ରାପଡ଼ା ବିଭାଜନ ପକ୍ଷରୁ ଜିଲ୍ଲା ସ୍ତରୀୟ ପାଣି ପଂଚାୟତ ପକ୍ଷ ୨୦୨୩ ପାଳନ ହୋଇଯାଇଛି । ନିର୍ବାହୀ ଯନ୍ତ୍ରୀ ଇଂ ଅଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧକ୍ଷା ଗିତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡା ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀ, ଜିଲ୍ଲା କୃଷି ଅଧିକାରୀ ତୁସାରକାନ୍ତି ସାମଲ, ନାବାର୍ଡ ପରିଚାଳକ ଅଶୋକ କୁମାର ଆଚାର୍ଯ୍ୟ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଠା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ନିମାଇଁ ଚରଣ ସେଠୀଙ୍କ ସଂଯୋଜନା ଓ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ୯ଟି ବ୍ଲକର ପାଣି ପଂଚାୟତ ସଂପାଦକ ଓ ସଭ୍ୟମାନେ ଯୋଗଦେଇ ପାଣି ପଂଚାୟତର ସୁବିଧା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉ ଥିବା କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ସେଠୀ କୃଷି ପ୍ରଧାନ କେନ୍ଦ୍ରାପଡା ଜିଲ୍ଲାର ସେଚ ଜଳର ସୁପରିଚାଳନା ଓ ସୁଷମ ବଂଟନ ତଥା ସଂରକ୍ଷଣ ଅତ୍ୟନ୍ତ ଜରୁରୀବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟତମ ଅତିଥି ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସେଠୀ ଜଳ ସେଚନ ବ୍ୟବସ୍ଥାର ପରିଚାଳନା ଓ ଭିତିଭୂମି ରକ୍ଷଣା ବେକ୍ଷଣରେ ପାଣି ପଂଚାୟତର ଭୂମିକା ଅନସ୍ୱୀକାର୍ଯ୍ୟ ତଥା ସୁରକ୍ଷିତ ଓ ସମାନୁପାତିକ ଜଳ ଯୋଗାଇବା ପାଣି ପଂଚାୟତର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । ଅଚଳ ପଏଣ୍ଟ ଗୁଡିକୁ ସଚଳ କରିବା, ଆଲୋଚନା ମାଧ୍ୟମରେ ପାଣି ବଂଟନ ବିବାଦକୁ ସମାଧାନ କରିବା ଓ ଅଳ୍ପ ପାଣି ବିନିଯୋଗ କରାଯାଇ ଅଧିକ ଲାଭ ଓ ଅମଳକ୍ଷମ ଫସଲ ଉତ୍ପାଦନ କରି ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ । ଏହି ଅବସରରେ ପକ୍ଷ ପାଳନ ଉପଲକ୍ଷେ ବିଭାଜନ ପକ୍ଷରୁ ଆୟୋଜିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା । ସାଧାରଣ ଜ୍ଞାନରେ ୪ ଜଣ, ଚିତ୍ରାଙ୍କନ-୩, ବକ୍ତୃତା-୩ ଓ ପ୍ରବନ୍ଧ ପ୍ରତିଯୋଗିତା ରେ ୪ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨ହଜାର, ୧ହଜାର ୫୦୦ ଓ ୧ ହଜାର ପୁରସ୍କାର ରାଶି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# କାଳିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ବାର୍ଷିକ ଉତ୍ସବ ପାଳିତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଜଗନ୍ନାଥ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଚତୁରବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ! ବିଦ୍ୟାଳୟ ର ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ର ଙ୍କ ପୌରହିତ ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ କାଳିମେଳା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ବରୋଇ,ବ୍ଲକ ଚେୟାରମ୍ୟାନ ସୁଭାଷିନୀ ସୋଡି, କାଳିମେଳା ଗୋଷ୍ଠୀ ଉନୟନ୍ନ ଅଧିକାରୀ ଉମାଶଙ୍କର ଦଳେଇ, ତହସିଲଦାର ଚାଇନ ଗଣ୍ଡ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ପୂର୍ବତନ ବ୍ଲକ ଅଧକ୍ଷ ମାଳା ମାଢ଼ି, କାଳିମେଳା ବ୍ଲକ ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ ପ୍ରମୁଖ ଯୋଗଦେଇଥିଲେ ! ଛାତ୍ର ଛାତ୍ରୀ ମାନେ କିଭଳି ନିଜ ଜୀବନ ରେ ଭଲ ମଣିଷ ହେବା ସହ ଜୀବନ ଧାରାର ଲକ୍ଷ ସାଧନା କରିବା ଉପରେ ରମେଶ ଚନ୍ଦ୍ର ବରୋଇ ଉତ୍ସାହିତ କରିଥିଲେ ! ସଭା ଆରମ୍ଭ ରେ ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀ ପଠନ କରିଥିଲେ, ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଅଥିତି ମାନେ ପୁରସ୍କାର ବିତରଣ କରିଥିଲେ, ତାପରେ ବିଦ୍ୟାଳୟ ର କୁନିକୁନି ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ, କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ସଂଖ୍ୟା ରେ ସ୍ଥାନୀୟ ଅଂଚଳ ବାସି ଓ ଅଭିଭାବକ ଉପସ୍ଥିତ ଥିଲେ ଏବଂ ଏହି କାର୍ଯ୍ୟକ୍ରମ ଆୟୋଜନ ରେ ବିଦ୍ୟାଳୟ ରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ବିସ୍ଫୋରଣ ଘଟି ଜଣେ ଗୁରୁତର ଦୁଇଛାତ୍ର ଆହତ

କନ୍ଧମାଳ,(ପି.ଏନ): ବିସ୍ଫୋରଣ ଘଟି ତିନି ଜଣ ଛାତ୍ର ଆହତ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ରୁତୁଙ୍ଗିଆ ପଂଚାୟତର ସେଣ୍ଟ ଜାଭିଅର୍ ହାଇସ୍କୁଲରେ ଘଟିଛି ଏଭଳି ଅଭାବନୀୟ ଅଘଟଣ । ସୂଚନା ପ୍ରକାରେ ଆଜି ସକାଳେ ପ୍ରାୟ ୧୧ଟା ସମୟରେ ଏକ ଛୁଟି ହୋଇଥିବା ସମୟରେ ସବୁ ପିଲା ଶ୍ରେଣୀ ବାହାରେ ଥିଲେ । ସେହି ସମୟରେ ଜଣେ ୫ମ ଶ୍ରେଣୀ ଛାତ୍ର ପକେଟରେ କିଛି ବିସ୍ଫୋରକ ସାମଗ୍ରୀ ଧରିଥିଲେ । ପକେଟରେ ହାତ ଭର୍ତି ଥିବା ବେଳେ ତାହା ହଠାତ୍ ଫୁଟିଯାଇଥିଲା । ଫଳରେ ଛାତ୍ର ଯୋଶ୍ ନାୟକର ଡାହାଣ ହାତ ଓ ଜଙ୍ଘରେ ଗୁରୁତର ଆଘାତ ଲାଗିଥିବା ବେଳେ ପାଖରେ ଥିବା ଅନ୍ୟ ଦୁଇ ଜଣ ଛାତ୍ର ଆଶିଷ ନାୟକ,ନିହାଲ ନାୟକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଏହାଦେଖି ସ୍କୁଲ କର୍ତୃପକ୍ଷ ସମସ୍ତଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଗୁରୁତର ଛାତ୍ର ଯୋଶ୍ ନାୟକଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

# ଗୁଳିମାଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁ ଘଟଣା

ଝାରସୁଗୁଡ଼ା, (ପି.ଏନ): ଗୁଳିମାଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଏଏସଆଇ ଗୋପାଳ ଦାସଙ୍କୁ ୪ ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଂଚ । ଗୋପାଳଙ୍କୁ ରିମାଣ୍ଡରେ ନେବାକୁ ଆଜି କ୍ରାଇମବ୍ରାଂଚକୁ ଅନୁମତି ପ୍ରଦାନ କରିଛନ୍ତି ଝାରସୁଗୁଡ଼ା ଜେଏମଏଫସି କୋର୍ଟ । କ୍ରାଇମବ୍ରାଂଚ ପକ୍ଷରୁ ୭ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରାଯାଇଥିବା ବେଳେ ୪ ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ଆସନ୍ତା ୫ ତାରିଖ ସକାଳେ ତାଙ୍କୁ କୋର୍ଟରେ ହାଜର କରିବ କ୍ରାଇମବ୍ରାଂଚ । ରିମାଣ୍ଡରେ ନେଇ ତାଙ୍କୁ ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ ପଚରା ଉଚରା କରିବ କ୍ରାଇମବ୍ରାଂଚ । ପ୍ରକାଶ ଥାଉକି, ଗତ ୨୯ ତାରିଖ ମଧ୍ୟାହ୍ନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ବ୍ରଜରାଜନଗର ଗାନ୍ଧି ଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋରଙ୍କ ଉପରେ ଗୁଳିମାଡ଼ ହୋଇଥିଲା । ତାଙ୍କ ଛାତିରେ ଗୁଳି ବାଜିଥିଲା । ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେହିଦିନ ସନ୍ଧ୍ୟାରେ ୬୧ ବର୍ଷିୟ ନବକିଶୋରଙ୍କ ପରଲୋକ ଘଟିଥିଲା । ଏହି ଗୁଳି ମାଡରେ ତାଙ୍କ ସହିତ ଥିବା ଜୀବନଲାଲ ନାୟକ ନାମକ ଅନ୍ୟ ଜଣେ କର୍ମୀ ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଘଟଣାରେ ଅଭିଯୁକ୍ତ ଏଏସଆଇ ଗୋପାଳ ଦାସଙ୍କୁ ଗିରଫ କରିଛି ପୋଲିସ । ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ଏଡିଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ କ୍ରାଇମବ୍ରାଂଚ ଟିମ୍ ଘଟଣାର ତଦନ୍ତ କରୁଛି । ଘଟଣାକୁ ଅତି ଗୁରୁତ୍ୱର ସହ ନେଇଛି କ୍ରାଇମବ୍ରାଂଚ । ଏପରିକି ଗୋପାଳଙ୍କୁ ଅଧିକ ପଚରା ଉଚରା ପାଇଁ ଆଜିଠୁ ୪ ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଂଚ ।

# ଫୁଲବାଣୀରେ ଆସନ୍ତା ଶନିବାର କନ୍ଧମାଳ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତ ମାସ ତା ୧୧.୦୨.୨୦୨୩ ରିଖ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି ।ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଫୌଜଦାରି,(ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର୍ ଦୁର୍ଘଟଣା ଜନିତକ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ ( ଛାଡ଼ପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଫେବୃଆରୀ ୦୨**

# ହକି ମହାକୁମ୍ଭ : ଭାରତ ଆତ୍ମ ସମୀକ୍ଷା କରୁ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ବୋଧ ହୁଏ କେହି ଅସହମତ ହେବେ ନାହିଁ ଯେ, ଓଡ଼ିଶାରେ ଆୟୋଜିତ ବିଶ୍ୱକପ ହକିର ଉଦ୍‌ଯାପନ ସମାରୋହ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଧନ ଯୋଗୁଁ ଫିକା ପଡ଼ିଥିଲା । ବିଶ୍ୱକପ ହକିର ଉଦ୍‌ଘାଟନୀ ସମାରୋହ ଯେଉଁଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ମହାସମାରୋହରେ ଆରମ୍ଭ ହୋଇଥିଲା, ସେହିଭଳି ଫାଇନାଲ ମ୍ୟାଚ ପରେ ଉଦ୍‌ଯାପନୀ ସମାରୋହ ବର୍ଣ୍ଣାଢ୍ୟ ପରିବେଶରେ ଶେଷ ହେବା ଆଶା କରାଯାଉଥିଲା । ମାତ୍ର ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ପରଲୋକରେ ରାଜ୍ୟରେ ୩ଦିନ ପାଇଁ ରାଷ୍ଟ୍ରୀୟ ଶୋକ ପାଳିତ ହେଉଥିବାରୁ ସମସ୍ତ ଉତ୍ସବ ବାତିଲ କରାଯିବା ଯୋଗୁଁ ବିଶ୍ୱକପ ହକି ଉଦ୍‌ଯାପନୀ ସମାରୋହ ଫିକା ପଡ଼ିବା ସ୍ୱାଭାବିକ । ଏହା ସତ୍ତ୍ୱେ ବିଶ୍ୱକପ ହକିର ୧୫ଶ ସଂସ୍କରଣ ଆୟୋଜକ ଓଡ଼ିଶା ଆତଥେୟତା, ଦୁଇଟି ଷ୍ଟାଡିୟମରେ ସଫଳ ଆୟୋଜନ, ହକି ଖେଳାଳୀ ଓ କର୍ମଚାରୀମାନଙ୍କ ରହଣି, ଖାଦ୍ୟପେୟ, ଦୁଇ ଷ୍ଟାଡିୟମକୁ ଯିବା ଆସିବା ପାଇଁ ସଫଳ ଆୟୋଜନ ହକି ଖେଳାଳୀଙ୍କ ପାଇଁ ଚାର ସ୍ମରଣୀୟ ହୋଇ ରହିବ ଏହା ନିସନ୍ଦେହରେ କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱକପ ହକିର ୧୫ଶ ସଂସ୍କରଣରେ ୧୬ଟି ଦେଶ ଅଂଶଗ୍ରହଣ କରିଥିବାବେଳେ ଦୀର୍ଘ ୧୭ଦିନ ଧରି ଚାଲିଥିବା ମହାକୁମ୍ଭରେ ୪୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୧୫ଶ ବିଶ୍ୱକପ ହକି ସଂସ୍କରଣରେ ଜର୍ମାନୀ ବିଶ୍ୱ ଚମ୍ପିଆନ ହୋଇଥିବାବେଳେ ବେଲଜିୟମ ରନର୍ସ ଅପ୍ ହୋଇଛି । ତେବେ ଫାଇନାଲ ମ୍ୟାଚଟି ଏତେ ସଂଘର୍ଷପୂର୍ଣ୍ଣ ଥିଲା ଯେ, ଉଭୟ ଜର୍ମାନୀ ଓ ବେଲଜିୟମ ଗୋଲ ସ୍କୋର ବରାବର ରହିଥିଲା । ପେନାଲଟି ସୁଟ୍ ଆଉଟରେ ମଧ୍ୟ ଫଳାଫଳ ଅସୀମାସିତ ରହିଥିବାବେଳେ ସଡନ ଡେଥରେ ବେଲଜିୟମ ୫-୪ରେ ପରାଜିତ ହୋଇଥିଲା। ତେବେ ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି, ବିଶ୍ୱ କ୍ରୀଡା ଜଗତରେ କ୍ରିକେଟ ଅଧିପତ୍ୟ ନିକଟରେ ହକି ନିସ୍ତେଜ ହୋଇପଡିଥିବା ସମୟରେ ଉଭୟ କଳିଙ୍ଗ ଓ ବିର୍ସାମୁଣ୍ଡା ଷ୍ଟାଡିୟମରେ ଭରପୁର ଦର୍ଶକ ହକି ପାଇଁ ନୂତନ ଉତ୍ସାହ, ଉଦ୍ଦିପନା ସୃଷ୍ଟି କରିଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ସେହିପରି ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମକୁ ଆନ୍ତର୍ଜାତୀୟ ହକି ଫେଡେରେସେନ (ଏଫଆଇଏଚ) ବିଶ୍ୱର ସର୍ବବୃହତ ଷ୍ଟାଡିୟମର ମାନ୍ୟତା ପ୍ରଦାନ, ଏବଂ ଗିନିଜ ବୁକ ଅଫ୍ ୱାଲର୍ଡ ରେକର୍ଡରେ ସ୍ଥାନ ପାଇବା ନିଶ୍ଚିତ ଭାବେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଦେଇଛି , ଏଥିରେ ସନ୍ଦେହର ଅବାକାଶ ନାହିଁ। କେବଳ ଏତିକି ନୁହଁ, ରାଜ୍ୟରେ କ୍ରମାଗତ ବିଶ୍ୱକପ ହକିର ଦୁଇଟି ମହାକୁମ୍ଭ ଆୟୋଜିତ କରି ଓଡିଶା ଦେଶ-ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ ରାଜ୍ୟରେ ଛାତ୍ର, ଯୁବ ପିଢୀଙ୍କ ମଧ୍ୟରେ କ୍ରିକେଟ ପରି ହକି ମାନିଆ ସୃଷ୍ଟି କରିବାରେ ମଧ୍ୟ ସମର୍ଥ ହୋଇଛି। ଏହାକୁ ଅସ୍ୱୀକାର କରାଯାଇନପାରେ। ଏହା ସତ୍ତ୍ୱେ ଭାରତୀୟ ଖେଳାଳୀ ମହାକୁମ୍ଭର ଅଧାରୁ ବିଦାୟ ନେବା ହକି ପ୍ରେମୀ ଓ ରାଜ୍ୟ ପାଇଁ ନୈରାଶ୍ୟର କାରଣ ହୋଇଛି। ଭାରତ ବିଶ୍ୱକପ ବିଜୟୀ ହେଲେ ପ୍ରତ୍ୟେକ ଖେଳାଳୀଙ୍କୁ କୋଟିଏ ଲେଖାଏଁ ଟଙ୍କା ପୁରସ୍କାର ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ମଧ୍ୟ ଟିମ ଇଣ୍ଡିଆକୁ ଉତ୍ସାହିତ କରିଥିଲେ ମଧ୍ୟ ଭାରତୀୟ ଦଳ ଅଧାରୁ ବିଦାୟ ନେବା ରାଜ୍ୟ ତଥା ଦେଶ ପାଇଁ ନିରାଶ ଜର୍ଜରିତ କରିଦେଇଛି । ତେବେ ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି, ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଆଗନ୍ତୁକ ସ୍ପେନକୁ ପ୍ରଥମ ମ୍ୟାଚରେ ସ୍ଥାନୀୟ ଯୁବକ ତଥା ଭାରତୀୟ ଦଳର ଉପ-ଅଧିନାୟକ ଅମିତ ରୋହିଦାସଙ୍କ ଏକ ଚିତାକର୍ଷକ ଗୋଲ କଲାରେ ଆଗନ୍ତୁକ ସ୍ପେନକୁ ୨-୦ ଗୋଲରେ ହରାଇ ଜୟଯାତ୍ରା ଆରମ୍ଭ କରିବା ଉତ୍ପରେ ଦର୍ଶକଙ୍କ ମଧ୍ୟରେ ବିଶ୍ୱକପର ଆଶା ସଂଚାର କରିଥିଲା । ମହାକୁମ୍ଭର ୧୦ ଦିନ ପରେ ଏହି ଆଶା ପାଣି ଫୋଟକା ପରି ମିଳାଇ ଯାଇଥିଲା, ଯେତେବେଳେ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ର‌୍ୟାଙ୍କିଂ ୧୨ତମ ସ୍ଥାନରେ ଥିବା ନିଉଜିଲ୍ୟାଣ୍ଡ ୭ମ ସ୍ଥାନରେ ଥିବା ଭାରତକୁ ପେନାଲଟି ଗୋଲରେ ହରାଇ ମହାକୁମ୍ଭରୁ ବିଦାୟ କରିଦେଇ ଥିଲା । କହିବା ବାହୁଲ୍ୟ ଯେ, ପୂର୍ବ ୩ଟି ବିଶ୍ୱକପରେ ଭାରତୀୟ ହକି ଦଳ ଶ୍ରେଷ୍ଠ ଆଠଟି ଦଳ ମଧ୍ୟରେ ନିଜକୁ ସୁରକ୍ଷିତ ରଖିଥିବାବେଳେ ଏବେ ଏହି ମାନ୍ୟତା ହରାଇଛି। କହିବା ବାହୁଲ୍ୟ ଯେ, ଦୀର୍ଘ ଚାରି ଦଶନ୍ଧି ପରେ ୨୦୧୮ ଟୋକିଓ ଅଲମ୍ପିକରେ ଭାରତ ବ୍ରୋଂଚ ପଦକ ପାଇଁ ଦେଶପାଇଁ ଗୌରବ ଆଣିଥିବା ବେଳେ ବିଶ୍ୱକପରେ ସମସ୍ତ ଆଶାକୁ ଧୂଳିସାତ୍ କରିଦେଇଛି। ଭାରତ ପେନାଲଟି ଗୋଲ ଦେବାରେ ବିଫଳ, ଡିଫେନସିଭ ଓ ମିଡିଲ ଅର୍ଡର ଖେଳାଳୀଙ୍କ ବିଫଳତା କେବଳ ଦର୍ଶକ ନୁହେଁ, ସମଗ୍ର ଦେଶକୁ ନିରାଶ କରିଛି। ଭାରତ ୨୬ଟି ପେନାଲଟି କର୍ଣ୍ଣର ମଧ୍ୟରୁ ମାତ୍ର ୫ଟି ଗୋଲ ଦେଇଥିବାବେଳେ ସୁଯୋଗ ହାତଛଡା କରିଛି। ଯାହାକି ଟିମ୍ ଇଣ୍ଡିଆର ବିଫଳତା ବୋଲି କୁହାଯାଇପାରେ। ଏକଦା ବିଶ୍ୱରେ ହକିରେ ଦବଦବା ଜାହିର କରି ଦେଶପାଇଁ ଗୌରବ ଆଣିଥିବା ଟିମ୍ ଇଣ୍ଡିଆ ପାଇଁ ଆତ୍ମ ସମୀକ୍ଷାର ସମୟ ଉପନୀତ। ସେହିପରି ଭାରତୀୟ ହକି ମହାସଂଘ ମଧ୍ୟ ଆତ୍ମ ସମୀକ୍ଷା କରିବା ଜରୁରୀ। କ୍ରିକେଟର ଆଇପିଏଲ ଢାଂଚାରେ ମହାସଂଘ ହକି ଇଣ୍ଡିଆ ଲିଗ୍ୟୁ(ଏଚଆଇଏଲ) ମ୍ୟାଚ୍ ଦେଶ ଭିତରେ ଆରମ୍ଭ କରିବା ଉଚିତ। ଯାହାକି ଖେଳାଳୀଙ୍କୁ କ୍ରୀଡା ନୈପୁଣ୍ୟ କରିବା ସହ ନୂତନ ପ୍ରତିଭାକୁ ମନୋନୟନ କରିବାରେ ସହାୟକ ହେବ। ଏଚଆଇଏଲ ଭାରତୀୟ ହକିର ମାନ ଉନ୍ନତ କରିବ ବୋଲି ଆମର ଆଶା।

ସମ୍ମାନ ଭବନ,
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ଗଣତନ୍ତ୍ର ଓ ସାଧାରଣ ନାଗରିକ



**ଯଜାତି କେଶରୀ ନାୟକ**

ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ଓ ରାଜନୈତିକ ପ୍ରଗତିରେ ସକ୍ରିୟ ଅଂଶଗ୍ରହଣ ଲାଗି ସାଧାରଣ ନାଗରିକ ବିଶେଷ କରି ଅଧିକରୁ ଅଧିକ ଯୁବ ମତଦାତାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପ୍ରତି ବର୍ଷ ଜାନୁଆରୀ ୨୫କୁ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ଘୋଷଣା କରିଛନ୍ତି। ନିର୍ବାଚନ ଆୟୋଗର ପ୍ରତିଷ୍ଠା ଦିବସକୁ ମନେରଖିବା ଲାଗି ୨୦୧୧ ଜାନୁଆରୀ ଆଜିର ଦିନ ଏହି ଦିବସ ଆରମ୍ଭ ହୋଇଥିଲା। ୧୯୫୦ ଜାନୁଆରୀ ୨୬ରେ ଭାରତ ଏକ ଧର୍ମ ନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ର ଘୋଷିତ ହୋଇଥିଲା। ଏହାର ପୂର୍ବ ଦିନ ଅର୍ଥାତ୍ ଜାନୁଆରୀ ୨୫ରେ ସମ୍ବିଧାନ ଧାରା ୩୨୪ ଅନୁସାରେ ଏକ ସ୍ୱାଧୀନ ନିର୍ବାଚନ କମିସନ ପ୍ରତିଷ୍ଠା କରାଯାଇଥିଲା। ଏଥିସହ ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପ୍ରତ୍ୟେକ ନାଗରିକଙ୍କୁ ମତଦାନ ଅଧିକାର ମିଳିଲା। ୧୯୮୮ରେ ସମ୍ବିଧାନ ସଂଶୋଧନ କରାଯାଇ ମତଦାତାଙ୍କ ବୟସ ସୀମା ୨୧ରୁ ୧୮କୁ ଖସାଇ ଦିଆଗଲା। ଜାତୀୟ ମତଦାତା ଦିବସର ଶପଥ ଏହିପରି ଆମେ, ଭାରତର ନାଗରିକ, ଗଣତନ୍ତ୍ରରେ ପୂର୍ଣ୍ଣ ବିଶ୍ୱାସ ରଖି ଶପଥ ନେଉଛୁ ଯେ ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜା ରଖିବା ତଥା ସ୍ୱାଧୀନ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମା ଅକ୍ଷୁର୍ଣ୍ଣ ରଖି, ନିର୍ଭୀକ ହୋଇ, ଧର୍ମ, ବର୍ଗ, ଜାତି, ସମୁଦାୟ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ସମସ୍ତ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବୁ। ଜାତୀୟ ମତଦାତା ଦିବସ ପ୍ରତିଟି ଭାରତୀୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ଦିବସ। ଗଣତାନ୍ତ୍ରିକ ଉପାୟରେ ମତଦାନ ଓ ଗଣତନ୍ତ୍ରର ବିଧି ବ୍ୟବସ୍ଥାରେ ସକ୍ରିୟ ଅଂଶ ଗ୍ରହଣ ସହ ଜଣେ ଯଥାର୍ଥ ନାଗରିକତ୍ୱ ଭାବେ ଦେଶ ମାତାର ସେବା ପାଇଁ ସମର୍ପିତ ମନୋଭାବ ରଖିବାର ସ୍ମରଣୀୟ ଦିବସଟି ହେଉଛି ଆଜି। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗଠନ ଉପଯୋଗୀ ଓ ସଚେତନଧର୍ମୀ ଦାୟିତ୍ୱ ରହିଛି। ପ୍ରତିଟି ଭାରତୀୟ ଭାବେ ଆମେ ଆଜି ଆମ ଦେଶ ପାଇଁ ଗର୍ବିତ। ଭାରତ ମାତା କି ଜୟ। ବନ୍ଦେ ମାତରଂ।

*ବଙ୍ଗାରପୁର, ଯାଜପୁର*

# ଆଗରେ ପଡ଼ିଛି ପଥ ବହୁଦୂର...



**ଆଦିତ୍ୟ ଚନ୍ଦ୍ର ଦାସ**

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ ‘ପର୍ଯ୍ୟବେକ୍ଷକ’ ଆଜି ରୌପ୍ୟ ଜୟନ୍ତୀ ସମାରୋହ ଆଜି ପାଳନ କରୁଛି। ‘ପର୍ଯ୍ୟବେକ୍ଷକ’କୁ ପ୍ରତ୍ୟହ ପ୍ରତ୍ୟୁଷରୁ ପ୍ରତୀକ୍ଷା ଡ଼ଃ. ପବିତ୍ରମୋହନ ସାମନ୍ତରାୟଙ୍କ ସଂପାଦନାରେ ସଂପାଦିତ ହେବାପରଠାରୁ ବଢିଯାଇଛି, ଯେହେତୁ ସେ ଖବରକାଗଜର ସଂପାଦକଙ୍କ ଜନ୍ମସ୍ଥାନ ଆମ ଗାଁରେ ଓ ମୋର ଅରମ୍ୟରଚନାମୂଳକ ଲେଖାଗୁଡ଼ିକ ଏଥିରେ ରମ୍ୟରଚନା ହୋଇ ପ୍ରକାଶିତ ହୋଇଥାଏ ବୋଲି। ଯଦିଓ କରୋନା ମହାମାରୀ ପରଠାରୁ ପର୍ଯ୍ୟବେକ୍ଷକ ଓ ଇଂରାଜୀ ଦୈନିକ ଦି କଳିଙ୍ଗ କ୍ରୋନିକଲ୍ ଇ-ପେପର , ଡିଜିଟାଲ ଓ ୱେବ ପୋର୍ଟାଲ ମାଧ୍ୟମରେ ସହଜରେ ଉପଲବ୍ଧ ହୋଇପାରୁଛି ସେଥିପାଇଁ ଉତ୍ସାହ ଓ ପ୍ରତୀକ୍ଷା ଆହୁରି ବଢ଼ି ଯାଇଛି।

ପରିବର୍ତ୍ତନ ହିଁ ପ୍ରକୃତିର ନିୟମ । ଯଦିଓ ପରିବର୍ତ୍ତନ ହୁଏ ପରିସ୍ଥିତିରେ ଉନ୍ନତି ପାଇଁ ତଥାପି ଅଧିକାଂଶ କ୍ଷେତ୍ରରେ ପରିବର୍ତ୍ତନ ଉନ୍ନତି ଆଣୁନାହିଁ । ଗଣମାଧ୍ୟମ କଥା ଚିନ୍ତା କରନ୍ତୁ । ଗଣମାଧ୍ୟମ ସାଧାରଣ ସେବା ପାଇଁ ଯଦିଓ ଉଦ୍ଦିଷ୍ଟ, ମାତ୍ର ତାହା ଆଜି ଦୁଷ୍ଟରିତ୍ରମାନଙ୍କର ଖୋଳପା ସାଜିଛି । ନିଜର ପ୍ରତିଷ୍ଠା ପାଇଁ ଲାଳସା ରହିବା ନିଶ୍ଚିତ, ହେଲେ ବି ଏହାର ସଂଜ୍ଞା ବଦଳିଯାଇଛି । ଆଜିକାଲି ପ୍ରତିଷ୍ଠାର ଅର୍ଥ- ଅର୍ଥଲାଭ ଓ ଅନ୍ୟମାନଙ୍କୁ କ୍ଷମତାର ଅପବ୍ୟବହାର କରି ତଳେ ପକାଇବାର ପ୍ରବୃତ୍ତି । ଏହି ଦୁଷ୍ଟରିତ୍ରମାନେ କାହାର ଶିରୀ ଦେଖିପାରନ୍ତି ନାହିଁ । ଜନତା ଜନାର୍ଦ୍ଦନର ସେବାଠାରୁ ଏମାନେ ନିଜସ୍ୱ ସେବା କରିବାକୁ ଗୁରୁତ୍ୱ ଦେଉଛନ୍ତି । ଏହା ଭିତରେ ମଧ୍ୟ ସାମ୍ବାଦିକତାର ମାନ ବିଚାର୍ଯ୍ୟ । ସମ୍ବାଦପତ୍ର ଓ ସାମ୍ବାଦିକତା ଏବେ ବିତ୍ତଶାଳୀ, ଶକ୍ତିଶାଳୀ ବ୍ୟକ୍ତି ଓ ଗୋଷ୍ଠୀଙ୍କର ଯଶଗାନ କରୁଛନ୍ତି । ସେମାନଙ୍କର କଳାସାମ୍ରାଜ୍ୟର କଳଙ୍କକୁ ଆଲୋକକୁ ନ ଆଣି କିଏ କାହାକୁ କେଉଁଠାରେ ନାୟକ କରିଦେଉଛି ତ’ କିଏ ମହାନାୟକ କରି ନାୟକଙ୍କର ଖଳନାୟକ ଗୁଣକୁ ଲୁଚାଇ ଦେଉଛି । ସାମ୍ବାଦିକତାକୁ ଥୋଡ଼େ ସୌକିନ ସଉକରେ ଆପଣାଇଛନ୍ତି । ବିନା ସାମ୍ବାଦିକ ପାଠପଢାରେ ସାମ୍ବାଦିକ ହୋଇ ସମ୍ପାଦକ ସାଜିବା ପାଇଁ ଏବେ ଏତେ ମାତ୍ରରେ ହୁକୁହୁକୁ ବଢିଯାଇଛି ଯେ, ଲାଗୁଛି ସତେ ଯେମିତି ସାମ୍ବାଦିକଟିଏ ଯେକୌଣସି ଜାଗାରେ ସମ୍ପାଦକଟିଏ ହେବା ଜରୁରୀ ସେଣିକି ପ୍ରାୟୋଜକ କି ପ୍ରାୟୋଜିକା ଯେ କେହି ବି ହୋଇଥାନ୍ତୁ !

‘ପର୍ଯ୍ୟବେକ୍ଷକ’ ସଂପାଦକଙ୍କ ଭାଷାରେ – “... ଏଇ ପ୍ରତିଶ୍ରୁତି ଦେଉଛି ଯେ, ଦୈନିକ ଖବରକାଗଜ ‘ପର୍ଯ୍ୟବେକ୍ଷକ’ ବିଗତ ବର୍ଷଗୁଡ଼ିକରେ ଯେପରି ରାଜ୍ୟବାସୀଙ୍କ ମୁଖପତ୍ର ରହିଥିଲା, ଏବେ ରହିଛି, ସେପରି ମଧ୍ୟ ଆଗାମୀ ଦିନଗୁଡ଼ିକରେ ରହିବ ଓ ପୂର୍ବବତ୍ ସାଧାରଣ ଜନତାଙ୍କ ପଛରେ ସଦାସର୍ବଦା ଛିଡ଼ାହେବ।”

‘ପର୍ଯ୍ୟବେକ୍ଷକ’ର ପର୍ଯ୍ୟବେକ୍ଷଣ ପରର ପରଷାରେ ପର୍ଯ୍ୟବସିତ ନୁହେଁ, ବରଂ ପ୍ରତ୍ୟେକ ଘଟଣା ଉପରେ ଏହାର ସ୍ୱକୀୟ ପର୍ଯ୍ୟବେକ୍ଷଣ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରେ । ନୂଆ ନୂଆ ଲେଖକ-ଲେଖିକାଙ୍କୁ ସ୍ଥାନ ଦେବା ଏ ଖବରକାଗଜର ଆଉ ଏକ ବିଶେଷତ୍ୱ ଏବଂ ଯାହା ଅନ୍ୟ ଖବରକାଗଜମାନଙ୍କ ପାଇଁ ଉଦାହରଣ ହୋଇ ରହିବ । ଅପ୍ରିଲ ୨, ୨୦୧୩ର ସଂସ୍କରଣ ସମ୍ପାଦକୀୟ ପୃଷ୍ଠା ଓ ପରପାର୍ଶ୍ୱ ପୃଷ୍ଠାଟି ଜଣେ ଶିକ୍ଷକଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା ଯାହା କେବଳ ଜଣେ ପଢିଥିଲେ ଅବା ସେଦିନର ସଂସ୍କରଣ ଦେଖିଥିଲେ ହିଁ ଜାଣିପାରିବ । ସେ ମହାନ ଶିକ୍ଷକଙ୍କ ମହାନଗୁଣ ଯାହା ଥାଉନା କାହିଁକି ମାତ୍ର ସେ ‘ପର୍ଯ୍ୟବେକ୍ଷକ’ ଖବରକାଗଜର ସଂପାଦକଙ୍କ ଶିକ୍ଷକ ଥିଲେ । ଏମିତି କେତେଜଣ ସଂପାଦକ-ଛାତ୍ର ଅଛନ୍ତି କୁହନ୍ତୁତ ନିଜ ଗୁରୁଙ୍କ ପାଇଁ ଗୋଟିଏ ଦିନର ଖବରକାଗଜର ଦୁଇପୃଷ୍ଠା ଛାଡ଼ିଦେବେ ? ଉତ୍ତର ହୁଏତ ହୋଇପାରେ ନିଜର ଖବରକାଗଜ ମାତ୍ର ତାହା ସନ୍ତୋଷଜନକ ନୁହେଁ । ସମୂହ କାର୍ଯ୍ୟପାଇଁ ସଂକଳ୍ପ ନେଇଥିବା ଯେକୌଣସି ସାଧକମାନେ ଆଗେ ସମସ୍ତେ ଜଣେ ଜଣେ ଏବଂ ମିଶିଲେ ଗଣା ହୁଅନ୍ତି ଗଣରେ । ତେଣୁ ସବୁବେଳେ ସମୂହ କଥା ଚିନ୍ତାକରି କେତେବେଳେ ବି ଜଣକ ପାଇଁ ଚିନ୍ତା କରିବା ଜରୁରୀ । ଆମ ଅଞ୍ଚଳରେ ବିଶେଷ କରି ଚଣ୍ଡିତଳରେ ୰ ବୀର କିଶୋର ପଟ୍ଟନାୟକଙ୍କ ପରି ଜଣେ ମହାନ ଶିକ୍ଷକ ଥିଲେ, ମାତ୍ର ଯାହାଙ୍କୁ ଆମେ ଜାଣିପାରିଲୁ ନାହିଁ । ଏହାଠାରୁ ଦୁର୍ଭାଗ୍ୟ ଆଉ କ’ଣ ଥାଇପାରେ ? କେନ୍ଦୁଝର ଜିଲ୍ଲାର ଅଳତୀ ବେଲସୁନ୍ଦରୀ ଅଞ୍ଚଳର ଲୋକେ ତାଙ୍କୁ ଜାଣି ‘ଦରିଦ୍ର ନାରାୟଣ ବିଦ୍ୟାପୀଠ’ରେ ତାଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରଖି ଏବେ ବିଦ୍ୟାଳୟରେ ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି ତାଙ୍କର । ପାଠପଢାରେ ଯାଜପୁର ଅଞ୍ଚଳ ଆଗୁଆ ବର୍ଗରେ ଥିଲାବେଳେ କେନ୍ଦୁଝର ଜିଲ୍ଲା ନାମ ବୋଧେ ପଛୁଆ ବର୍ଗରେ । ଧନ୍ୟ କହିବ ସେ ଅଞ୍ଚଳବାସୀଙ୍କୁ । କାହାକୁ ମନେ ରଖିବା ପାଇଁ ସାହିତ୍ୟିକ ଅବା ସାଂସ୍କୃତିକ ସ୍ମୃତି ସଂସଦ ନୁହେଁ, ଏକ ମନ ଓ ଏକ ହୃଦୟ ସମସ୍ତଙ୍କର ହେବା ଦରକାର ବୋଲି ଅଳତୀ ବେଲସୁନ୍ଦରୀ ଗ୍ରାମବାସୀ ଜଣାଇଦେଲେ ସାରା ଓଡ଼ିଶାବାସୀଙ୍କୁ । ମନେପଡୁଛି କବିତା ଧାଡ଼ିଟିଏ- ‘ବିଦ୍ୟାର ଆଳୟ ଅଟେ ବିଦ୍ୟାଳୟ / ବିଦ୍ୟାର୍ଥୀ ତାର ସନ୍ତାନ / ବିଦ୍ୟାର୍ଥୀ ଶିକ୍ଷକ ଏକ ମେଳ ହେଲେ / କରନ୍ତି ଯଶ ଅର୍ଜନ ।’

‘ପର୍ଯ୍ୟବେକ୍ଷକ’ର ପ୍ରଗତି ପ୍ରତିକ୍ଷଣ ପ୍ରତିକ୍ଷିପ୍ତ । ଜାଣିବାରେ, କେତେକ ସମୟରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବାରୁ ରାଜନୈତିକ ଶକ୍ତି କ୍ଷମତାର ଅପବ୍ୟବହାର କରିଛନ୍ତି ଏ ଖବରକାଗଜ ଉପରେ। ବଶ କରିବାକୁ ଚେଷ୍ଟା କରିଛନ୍ତି ଓ ବେବଶ କରିବାକୁ ମଧ୍ୟ ବାଧ୍ୟ କରିଛନ୍ତି । ଆର୍ଥିକ ଦୃଷ୍ଟିରୁ ଖବରକାଗଜକୁ ହାତରେ ନ ମାରି ଭାତରେ ମାରିବାର ପ୍ରକ୍ରିୟାକୁ ମଧ୍ୟ ଅଣଦେଖା କରିହେବ ନାହିଁ । ତଥାପି ନିରବଚ୍ଛିନ୍ନ ଭାବେ ପାଠକ-ପାଠିକାଙ୍କ ପ୍ରବଳ ଆଦର ଖବରକାଗଜକୁ ଏତେ ବାଟ ନେଇଛି ବା ଏତେ ବରଷରେ ପହଞ୍ଚାଇଛି । ଲୋକାନୁମୋଦନ ଓ ଲୋକସମର୍ଥନକୁ ନେଇ ଏହା ଆଗେଇ ଚାଲୁ ଆହୁରି ଆଗକୁ ଆଗକୁ । ଆଜିର ୨୫ତମ ରୌପ୍ୟ ଜୟନ୍ତୀ ଅବସରରେ ପ୍ରାର୍ଥନା କରୁଛି ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଯେ, ‘ପର୍ଯ୍ୟବେକ୍ଷକ’ ଆହୁରି ଲୋକଙ୍କ ନିକଟତର ହେଉ ସେମାନଙ୍କ ସୁଖଦୁଃଖରେ ସମଭାଗୀ ହୋଇ !

*କ୍ଷେତ୍ରପାଳ, କଣ୍ଟିଗାଡ଼ିଆ,*
*ଯାଜପୁର*

# ସାଧାରଣ ଲୋକଙ୍କ ସ୍ୱର-ପର୍ଯ୍ୟବେକ୍ଷକ



**ଡ଼ି ଶୁଭମ୍**

ସକାଳର ଚ଼ା’କପ ସାଙ୍ଗକୁ ଖବରକାଗଜଟିଏ ନଥିଲେ ଯୋଡି ଜମେନା, ସକାଳର କପ୍ ଯେମିତି ଖବରକାଗଜର ଖବରକୁ ଅନେଇ ବସିଥାଏ, ସେମିତି ଏକ ଅଦମ୍ୟ ସାହସର ନିର୍ଭୁଲ ଅଭିଳିପି ହେଉଛି ଗଣମାଧ୍ୟମ। ଗଣମାଧ୍ୟମ- ଯିଏ ରୋମ ସାମ୍ରାଜ୍ୟର କ୍ଲିଓପାଟ୍ରା ଠାରୁ ବି ଅଧିକ ଶକ୍ତିଶାଳୀ। ଯିଏ ସମାଜରୁ ବୃତାସ ରୂପୀ ରାକ୍ଷସଙ୍କୁ ଧ୍ୱଂସ କରିବାର ସାମର୍ଥ୍ୟ ଥାଏ। ଯାହା ଉପରେ ନିର୍ଭର କରେ ସଭ୍ୟତାର ଉତ୍‌ଥାନ ଓ ପତନ ଏବଂ ଯିଏ ମହାସାଗରର ଅନ୍ତର୍ଦ୍ଦେଶରୁ ଆରମ୍ଭ କରି ଖେଳପଡିଆ ଯାଏଁ ସମସ୍ତ ଖବରକୁ ନିଚ୍ଛକ ରୂପେ ଉପସ୍ଥାପନ କରେ ସେ ଗଣମାଧ୍ୟମ। ଗଣମାଧ୍ୟମ ସବୁବେଳେ ଲୋକଙ୍କ ପାଇଁ ଓ ଲୋକ ମାନଙ୍କର ମାଧ୍ୟମ ଅଟେ। ଏଇ ପରୀପ୍ରେକ୍ଷୀରେ ବିଗତ ୨୫ବର୍ଷ ହେବ ପର୍ଯ୍ୟବେକ୍ଷକ ଲୋକଙ୍କ ସ୍ୱର ହେବାକୁ ଚେଷ୍ଟା କରିଛି। ସାଧାରଣ ଲୋକଙ୍କ ସ୍ୱର ହେବାକୁ ଚେଷ୍ଟା କରିଛି। ଆଠ ପୃଷ୍ଠା ବିଶିଷ୍ଟ ଏହି ଖବରକାଗଜ ସବୁବେଳେ ନିରପେକ୍ଷ ଖବର ପ୍ରସାରଣକୁ ଗୁରୁତ୍ୱ ବି ଦେଇଛି।

୨୦୧୪ରୁ ଲେଖାଲେଖି ଆରମ୍ଭ କରିଥିଲେ ହେଁ ସେତେବେଳେ ବିଶେଷ କିଛି ଖବରକାଗଜରେ ଲେଖା ପ୍ରକାଶ ପାଇପାରୁନଥିଲା। ବସ୍ତୁତଃ ଅନେକ କିଛି ତୃଟି ଓ ସମ୍ପାଦକୀୟ ପୃଷ୍ଠା ଲେଖାର ତରିକା ବିଷୟରେ ଅବଗତ ବି ନଥିଲି। ଯଦିଓ ସେବେ ସ୍ତମ୍ଭ କଣ ଜାଣିନଥିଲି ତଥାପି ଏହାକୁ ନେଇ ମନଭିତରେ ଖୁବ ଉତ୍କଣ୍ଠା ଥିଲା। ୨୦୧୬ରେ କୃଷି ପାଠ୍ୟକ୍ରମରେ ପ୍ରଥମ ବର୍ଷ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟରେ ଯୋଗ ଦେବା ପରେ କୃଷି ଓ କୃଷକଙ୍କ ପାଇଁ ମନରେ ଏକ ଅହେତୁକ ନିଶା ଜନ୍ମିଲା। ଚିନ୍ତା କଲି ଏକ ଛୋଟ ପତ୍ରିକାଟେ ପ୍ରକାଶ କରି ଚାଷୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବି। ବହୁତ କିଛି ଉଦ୍ୟମ ଆଉ ସଂଘର୍ଷ ପରେ ଜନ୍ମ ନେଲା ଶ୍ୟାମଳ ସୁବର୍ଣ୍ଣ। ଏହାରି ଭିତରେ ମୋର ଦେଖା ହୁଏ କୃଷି ବିଜ୍ଞାନ କେନ୍ଦ୍ର , ଭଦ୍ରକର ମୁଖ୍ୟ ଅରବିନ୍ଦ ସାରଙ୍କ ସହ। ପାଠପଢ଼ା ପାଇଁ ଉପଦେଶ ଦେବା ସମୟରେ ମୋତେ ସୌମ୍ୟଶ୍ରୀ ପାଣିଗ୍ରାହୀ ସାରଙ୍କ ନାଁ କହିଲେ। କଥା ଛଳରେ ସାର କହିଲେ ସେ ମୋର ଛାତ୍ର। ଏବେ କୃଷି ବିଜ୍ଞାନରେ ସ୍ନାତକୋତ୍ତର ପରେ ସହକାରୀ ଜିଲ୍ଲାପାଳ ଭାବରେ ଅବସ୍ଥାପିତ। ତାର ଠିକ ପରଦିନ ସୌମ୍ୟଶ୍ରୀ ସାରଙ୍କ ସହ ମୋର ଯୋଗାଯୋଗ ହୁଏ। ଆଉ କହିବାକୁ ଗଲେ ସେ ହିଁ ମୋ ଲେଖିବା ପାଇଁ ପ୍ରେରଣାର ଉତ୍ସ। ସେତେବେଳକୁ ସମ୍ପାଦକୀୟ ପଷ୍ଠା ପାଇଁ କେମିତି କଣ ଲେଖାଯାଏ , ମୋର କିଛି ବି ଧାରଣା ନଥିଲା। ବାସ ମନରେ ଇଚ୍ଛା ଥିଲା ଯେ କେମିତି ଏହା ଖବରକାଗଜରେ ପ୍ରକାଶିତ ହେବ। ସେ ସମୟରେ ସବୁ ଖବରକାଗଜର ସମ୍ପାଦକୀୟ ପୃଷ୍ଠାକୁ ଭଲଭାବେ ପଢୁଥିଲି। ଭାବୁଥିଲି ମୋର କେବେ ଏମିତି ପ୍ରକାଶିତ ହୁଅନ୍ତାନି!!! ସେ ଯାହା ବି ହେଉ ମୁଁ ଅନେକ କିଛି ସାମ୍ପ୍ରତିକ ଘଟଣାବଳୀକୁ ନେଇ ଲେଖି ବିଭିନ୍ନ ଖବରକାଗଜକୁ ପଠେଇଲି। ଖୁବ କମ ଦିନ ଭିତରେ ଅନେକଗୁଡ଼ିଏ ଖବରକାଗଜରେ ଲେଖା ପ୍ରକାଶ ପାଇ ବେଶ ପାଠକୀୟ ଆଦୃତି ବି ଲାଭ କଲା। ଏହି ସମୟରେ ସୌମ୍ୟଶ୍ରୀ ସାରଙ୍କ ସ୍ତମ୍ଭ ଆଖପାଖର ହାଲଚାଲ ଦୈନିକ ପର୍ଯ୍ୟବେକ୍ଷକରେ ପ୍ରତି ଶନିବାର ପ୍ରକାଶ ପାଉଥିଲା। ସବୁବେଳେ ଏହାକୁ ପଢ଼ି ମୁଁ ଲେଖିବାକୁ ପ୍ରେରଣା ପାଉଥିଲି। ଆଉ ସୌଭାଗ୍ୟବଶତଃ ମୋର ସମ୍ପର୍କ ହୁଏ ପର୍ଯ୍ୟବେକ୍ଷକର ସମ୍ପାଦକ ଶ୍ରୀ ପବିତ୍ର ମୋହନ ସାମନ୍ତରାୟ ସାରଙ୍କ ସହ। କିଛିଟା ଲେଖା ମୁଁ ସାରଙ୍କୁ ହ୍ୱାଟସଆପ ଜରିଆରେ ପଠାଇଥିଲି। ଏହା ପରେପରେ ସାର ପ୍ରତି ଗୁରୁବାର ମୋର ଏକ ସ୍ତମ୍ଭ ପ୍ରକାଶ ପାଇବ ବୋଲି କହିଲେ। ଆଉ ସ୍ତମ୍ଭର ନାମକରଣ ପାଇଁ ସୌମ୍ୟ ସାରଙ୍କୁ ଯୋଗାଯୋଗ କରିବାକୁ ଉପଦେଶ ବି ଦେଲେ। ସଙ୍ଗେସଙ୍ଗେ ସୌମ୍ୟ ସାରଙ୍କୁ ଏ ଖବର ଦେଉଁ ଦେଉଁ ସେ ସ୍ତମ୍ଭର ନାଁ ଦେଲେ। ଆଉ ଶେଷରେ ଏହା ସ୍ଥିରୀକୃତ ହେଲା – ଚାଷ କ୍ଷେତରୁ ଚିଠି। ୨୦୧୮ ଅକ୍ଟୋବରରୁ ଆରମ୍ଭ କରିଥିବା ଏଇ ସ୍ତମ୍ଭ ଲେଖା ଏବେ ୭୮ ଛୁଇଁଗଲାଣି। ଅନେକ କିଛି ଘଟଣାକୁ କଲମ ମୁନରେ ରୂପ ଦେଇଛି। ଯାହା ଶିଖିଛି ତାକୁ ଚାଷୀଙ୍କ ପାଖେ ପହଁଚାଇବାକୁ ସ୍ତମ୍ଭ ମାଧ୍ୟମରେ ଉଦ୍ୟମ କରିଛି। କୃଷି ପାଠ୍ୟକ୍ରମର ଚତୁର୍ଥ ବର୍ଷରେ କୃଷକ ତାଲିମ ଶିବିରକୁ ଯାଇ ପାଖାପାଖି ୧୦୦୦ଚାଷୀଙ୍କୁ ତାଲିମ ଦେବାର ସୌଭାଗ୍ୟ ପାଇଥିଲି। ଖୁବ ପାଖରୁ ଚାଷୀଙ୍କ ସହ ମିଶି ସେମାନଙ୍କ ସମସ୍ୟାକୁ ଜାଣିବାକୁ ଚେଷ୍ଟା କରିଥିଲି। ଆଉ ପ୍ରତି ଗାଁର ସ୍ମୃତିକୁ ସ୍ତମ୍ଭ ଜରିଆରେ ଲୋକଙ୍କ ପାଖରେ ପହଁଚାଇଥିଲି। ଖୁବ ଶ୍ରଦ୍ଧା ମିଳିଛି ଏଇସବୁ ଲେଖାକୁ। ଏହି ସମୟରେ ଯେବେ କଟକର ଜନାର୍ଦ୍ଦନପୁର ଠାରେ ଟ୍ରେନିଂରେ ଥାଏ ସେବେ ଖୁବ ପାଖରୁ ଚାଷୀ ଓ ଚାଷର ମହତ୍ତ୍ୱକୁ ସେଠାରୁ ହିଁ ଜାଣିଥିଲି। ସେମାନଙ୍କ ପାଇଁ ଚାଷ ହିଁ ହାକିମ। ଚାଷ କାମ ଯାହର , କେଡ଼େ ସୁଖ ତାହାର – ଏ ଉକ୍ତିକୁ ନେଇ ସେମାନେ ଜୀବନ ଜୀଉଁଛନ୍ତି। ସେ ସମୟରେ ଲେଖିଥିବା ସ୍ତମ୍ଭ – ଆମେ ଚଷା ଘର ପୁଅ ଶୀର୍ଷକ ଖୁବ୍ ଶ୍ରଦ୍ଧା ପାଇଥିଲା। ଅନେକ ପ୍ରଶଂସାର ଫୋନକଲ ବି ପାଇଛି। ଏଇ ପାଠକ ମାନେ ହିଁ ତ ଲେଖାର ମଙ୍ଗୁଆଳ। ଆଗ୍ରହ ସୃଷ୍ଟିକରିବାର ଉତ୍ସ। ପ୍ରତି ବୁଧବାର ସକାଳେ ଅଫିସକୁ ଲେଖା ପଠାଇବାପରେ ପୃଷ୍ଠା ଦାୟିତ୍ୱରେ ଥିବା ମହେଶ ବାବୁ ସବୁବେଳେ ଫୋନ କରିଥାନ୍ତି। ଆଜି ଯାଏଁ ଏମିତି ଦିନଟିଏ ନାହିଁ ଯୋବ ସ୍ତମ୍ଭ ବାହାରିବା ପୂର୍ବଦିନ ମହେଶବାବୁ ଫୋନ କରିନଥିବେ। ପ୍ରତିଟି ଧାଡ଼ିପଢ଼ି ତାହାକୁ ସଂଶୋଧନ କରି ବସେଇଥାନ୍ତି ସେ। ଏଯାବତ ପର୍ଯ୍ୟବେକ୍ଷକର ୪୯ଟି ସ୍ତମ୍ଭରେ ମୋର କୌଣସି ବନାନ ତୃଟି ପରିଲକ୍ଷିତ ହୋଇନାହିଁ। ଏଥିପାଇଁ ମୁଁ ମହେଶବାବୁଙ୍କ ନିକଟରେ ଚିର କୃତଜ୍ଞ। ଏଇ ସ୍ତମ୍ଭ ଲେଖାରେ ଅନେକ ପ୍ରଶଂସା ପାଇଛି ଆଉ ସମାଲୋଚନା ମଧ୍ୟ। ସତରେ ସମାଲୋଚକ ନଥିଲେ ଲେଖିବାକୁ ମଜା ଆସେନି। ତଥାପି ମୁଁ ମୋ ପାରୁ ପର୍ଯ୍ୟନ୍ତ ମୋ ଜାଣିଥିବା ତଥ୍ୟାବଳୀକୁ ଉପସ୍ଥାପନ କରିବାକୁ ଚେଷ୍ଟା କରିଛି। କମ ବୟସରୁ ସ୍ତମ୍ଭ ରଚନା ଆରମ୍ଭ କରିଥିବାରୁ ଅନେକ କିଛି ପଢ଼ି ନିଜର ସ୍ତମ୍ଭ ଲେଖିଥାଏ। ମୋତେ ଏକ ନୂଆ ପରିଚୟ ସ୍ତମ୍ଭକାର ଭାବେ ଦେଇଥିବାରୁ ପର୍ଯ୍ୟବେକ୍ଷକ ନିକଟରେ ମୁଁ ଋଣୀ ହୋଇ ରହିବି।

ମଣିଷ ମାତ୍ରେ ଭୁଲ ହେବା ଥୟ। ଏହି ପରିପ୍ରେକ୍ଷୀରେ ଯଦି ସ୍ତମ୍ଭ ରଚନାରେ କେଉଁଠି ତୃଟି ଥାଏ ତେବେ ପାଠକଙ୍କ ଠାରୁ କ୍ଷମା ଚାହୁଁଛି। ଆପଣମାନେ ହିଁ ମୋ ସାହସ। ଆପଣଙ୍କ ଗୋଟିଏ ପଦ ଶୁଭେଚ୍ଛା ବାର୍ତ୍ତା ମୋ ମନରେ ଅଫୁରନ୍ତ ଲେଖିବା ନିଶାକୁ ଜାଗ୍ରତ କରେ। ପାଠପଢ଼ା ସହିତ ଏହାକୁ ନିରନ୍ତର ଭାବେ ପ୍ରକାଶ କରିବାକୁ ଉଦ୍ୟମ କରିବି। ପୁଣି ଥରେ ସେଇ ପାଠକଙ୍କୁ ନମନ କରି ରହୁଛି।

*କୃଷି ସ୍ନାତକୋତ୍ତର (ମୃତ୍ତିକା ବିଜ୍ଞାନ ,*
*ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ),*
*ଭୁବନେଶ୍ୱର*

# ଜୈବ ବିବିଧତା ଓ ଆର୍ଦ୍ରଭୂମି



**ଅଲେଖ ଚନ୍ଦ୍ର ସାମଲ**

ବିଶ୍ୱର ଜୈବ ବିବିଧତା ମଧ୍ୟରେ ଆର୍ଦ୍ରଭୂମି ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ । ଏହା ଅନେକ ବିରଳ ପ୍ରଜାତିର ପ୍ରାଣୀଙ୍କ ବାସସ୍ଥଳୀ । ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଆର୍ଦ୍ରଭୂମି ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ ବିଶ୍ୱରେ ଥିବା ଆର୍ଦ୍ରଭୂମି ଅଞ୍ଚଳର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଇଥାଏ । ୧୯୭୧ ମସିହା ଫେବୃୟାରୀ ଦୁଇ ତାରିଖରେ କାସ୍ପିଆନ୍ ସାଗର ତଟରେ ଅବସ୍ଥିତ ଇରାନୀୟ ସହର ରାମସନ୍ ଠାରେ ଆର୍ଦ୍ରଭୂମି ସୁରକ୍ଷା ନିମନ୍ତେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହାକୁ ରାମସନ୍ ସମ୍ମେଳନ କୁହାଯାଇଥାଏ । ଏଣୁ ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରିବାକୁ ୧୯୯୭ରେ ବିଶ୍ୱର ବିଭିନ୍ନ ସଂଗଠନ ନିଷ୍ପତ୍ତି ନେଇଥିଲେ । ସେବେ ଠାରୁ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଇ ଆସୁଛି । ଏହି ଦିବସରେ ଆର୍ଦ୍ରଭୂମି ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ସଂପ୍ରତି ଦ୍ରୁତ ସହରୀକରଣ ଅଭିବୃଦ୍ଧି ଓ ତୁଳନାତ୍ମକ ଭାବେ ବ୍ୟାପକ ଭାବରେ ଗଛ କଟାଯାଉଥିବାରୁ ପରିବେଶର ସନ୍ତୁଳନ ରହୁନାହିଁ ଯାହାର ପ୍ରତ୍ୟେକ୍ଷ ଓ ପରୋକ୍ଷ ପ୍ରଭାବ ଜୀବଜନ୍ତୁଙ୍କ ଠାରୁ ମଣିଷଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପଡୁଛି। ପ୍ରତିଦିନ ସମଗ୍ର ପୃଥିବୀରୁ ଟନ୍ ଟନ୍ ଆକାରର ପାହାଡ଼ ସଦୃଶ ବର୍ଯ୍ୟ ସାମଗ୍ରୀ ସମଗ୍ର ବିଶ୍ୱକୁ ଭୟଙ୍କର ଭାବେ ପ୍ରଦୂଷିତ କରି ନାନା ସମସ୍ୟା ସୃଷ୍ଟି କରୁଛି। ଦିନଥିଲା ପ୍ରକୃତିର ସୁନ୍ଦର ସଂରଚନାରେ ଛଅ ଗୋଟି ଋତୁକୁ ମଣିଷ ସମାଜ ଅନୁଭବ କରିବା ସହ ଉପଭୋଗ କରିବାକୁ ସକ୍ଷମ ହେଉଥିଲେ। ବର୍ତ୍ତମାନ କୌଣସି ଗୋଟିଏ ଋତୁର ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ତାର ଅବଧି ଶେଷ କରିପାରୁନାହିଁ। ଯାହାଦ୍ୱାରା ତୀବ୍ର ଖରାଯୁକ୍ତ ଗ୍ରୀଷ୍ମ ଦିନରେ କେଉଁଠି ବର୍ଷା ହେଉଛି ତ ଶୀତ ଦିନରେ କେତେକ ସ୍ଥାନରେ ଟାଣ ଖରା ଅନୁଭବ କରାଯାଉଛି। ଆଜି ସମଗ୍ର ବିଶ୍ୱରେ ଅନେକ ଦୁର୍ଲଭ ଓ ଦୁଃସ୍ପ୍ରାପ୍ୟ ବିରଳ ପ୍ରଜାତିର ଜୀବଜନ୍ତୁଙ୍କ ଅବସ୍ଥିତି ଲୋପ ପାଇବାକୁ ବସିଲାଣି। ପରିବେଶକୁ ସଠିକ୍ ଭାବରେ ସନ୍ତୁଳନ ମାଧ୍ୟମରେ ମଣିଷର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ଆର୍ଦ୍ରଭୂମି ଆଜି ସଙ୍କଟରେ। ମଣିଷର ଖାଦ୍ୟ ପାଇଁ ସବୁଠାରୁ ଅତ୍ୟାବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମୃତ୍ତିକା ସାଙ୍ଘାତିକ ଭାବେ ପ୍ରଦୂଷିତ ହେଉଛି। ଭୂଗର୍ଭରୁ ଜଳର ମାତ୍ରା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ କମି କମି ଯାଉଥିବାରୁ ଆଗାମୀ ଦିନରେ ବିଶ୍ୱ ଜଳ ପାଇଁ ହା ହାକାର ଓ ଅନାଟନ ଭିତରୁକ ପେଷି ହୋଇଯିବ ଏ ନେଇ ପରିବେଶ ବିଜ୍ଞାନୀ, ବୁଦ୍ଧିଜୀବୀ ମହଲ ଗଭୀର ଉଦ୍‌ବେଗ ପ୍ରକାଶ କରୁଥିଲେ ମଧ୍ୟ ଏ ସବୁ ଦାୟିତ୍ୱ ଓ ନିର୍ଦ୍ଦେଶାବଳୀକୁ ଗ୍ରହଣ କରିବା ପାଇଁ ସବୁ କ୍ଷେତ୍ରରେ କେବଳ ସରକାରଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁ ଦାୟିତ୍ୱ ଯେ ରହିଛି ଏହାକୁ ଆମେ ଭୁଲିଯିବା ଅନୁଚିତ।

*ପୂର୍ବତନ ଡିଏଫଓ (କେନ୍ଦୁଲିଫ) ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ସତ୍ୟନାମର ତତ୍ତ୍ୱ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଅନାମୀ ଜଗଦୀଶ୍ୱରଙ୍କର ଅନେକ ପ୍ରକାର ନାମ ଅଛି । ତନ୍ମଧ୍ୟରେ ଏକପ୍ରକାର ନାମ – ଭାବାତ୍ମକ ବା ବର୍ଣ୍ଣାତ୍ମକ । ଏହି ନାମ ମନୁଷ୍ୟର ଅର୍ଥାତ୍ ସାଧକର ଭାବଦ୍ୱାରା କମ୍ପିତ ବା ଉଚ୍ଚାରିତ ନାମ – ଦନ୍ତ, ଓଷ୍ଠ, ଜିହ୍ୱା, ତାଳୁ, କଣ୍ଠ, ମୂର୍ଦ୍ଧା ବା ବାୟୁ ସଂଯୋଗରେ ଆହତ ନାଦ ବା ଶବ୍ଦ ବିଶେଷ । ଏହି ନାମଗୁଡିକ ମଧ୍ୟରେ ଭିନ୍ନ ଭିନ୍ନ ନାମର ବିଭିନ୍ନ ପ୍ରକାର ମାହାତ୍ମ୍ୟ ବା ଶକ୍ତିର ତାରତମ୍ୟ ଅଛି । ପୁଣି କାଳୀ, ଦୁର୍ଗା ଓ ତାରା ପ୍ରଭୃତି ବିଭିନ୍ନ ନାମର ମଧ୍ୟ ବିଭିନ୍ନ ଶକ୍ତି ଓ ମାହାତ୍ମ୍ୟ ଅଛି ।ଏହିସବୁ ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମକୁ ସତ୍ୟନାମ କୁହାଯାଏ ନାହିଁ । ଭୂଃ, ଭୂବଃ, ସ୍ୱଃ, ମହଃ, ଜନଃ, ତପଃ ଏବଂ ସତ୍ୟ ଇତ୍ୟାଦି ଯେଉଁ ବିଭିନ୍ନ ଭୁବନ, ଲୋକ ବା ଧାମ ବିଶ୍ୱରେ ବର୍ତ୍ତମାନ ଅଛି, ସେ ସମସ୍ତ ବିଭିନ୍ନ ଲୋକ ବା ଧାମ ଏହି ନରଦେହରେ ବିଦ୍ୟମାନ ଅଛି ଅର୍ଥାତ୍ ବିଶ୍ୱର କ୍ଷୁଦ୍ର ପ୍ରତିଚ୍ଛବି ଏହି ନରଦେହ । କଥାରେ କହନ୍ତି – “ଯାହା ଅଛି ବିଶ୍ୱବ୍ରହ୍ମାଣ୍ଡେ, ତାହା ଅଛି ଏହି ଦେହଭାଣ୍ଡେ ।” ଏହି ନରଦେହ ମଧ୍ୟସ୍ଥ ବିଭିନ୍ନ ଧାମରେ ଅନାହତନାଦ ରୂପୀ ଯେଉଁସବୁ ବିଭିନ୍ନ ସ୍ତରର ବୀଜ ବର୍ତ୍ତମାନ ଅଛି, ତାହା ସର୍ବଦା ମାନବ ଦେହାଭ୍ୟନ୍ତରରେ ଧ୍ୱନିତ ହେଉଅଛି । “ହରେକ୍ ଆଦ୍‌ମିକା ଘଟ୍‌ମେ ହରଦମ୍ ଧୂନ୍ ହୋତା ହ୍ୟାୟ ।” ସାଧକଗଣ ସାଧନ କାଳରେ ସେହି ସକଳ ଧ୍ୱନି, ଅନାହତନାଦ ବା “ବୀଜ” ଶ୍ରବଣ କରିଥାନ୍ତି । ସେହିସବୁ ଅନାହତ ଶବ୍ଦକୁ ବୀଜମନ୍ତ୍ର ବା ଧ୍ୱନ୍ୟାତ୍ମକ ନାମ କୁହାଯାଏ । ତାହାକୁ ହିଁ କହନ୍ତି ଶବ୍ଦବ୍ରହ୍ମ ବା ନାମବ୍ରହ୍ମ । ତନ୍ମଧ୍ୟରୁ ଯେଉଁଟି ସର୍ବାପେକ୍ଷା ଉଚ୍ଚତମ ସ୍ତରର “ବୀଜ” ବା “ଧ୍ୱନ୍ୟାତ୍ମକ ନାମ”, ସେହି ନାମ ହିଁ ଆଦି ବୀଜ – “ଶ୍ରେଷ୍ଠତମ ସତ୍ୟନାମ”, ଏବଂ ତାହାହିଁ ଅନାମୀ ଜଗଦୀଶ୍ୱରଙ୍କର ପ୍ରକୃତ ସତ୍ୟନାମ । ଯୁଗ ପୁରୁଷୋତ୍ତମ କଲ୍‌କୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବର୍ତ୍ତମାନ ସେହି ସତ୍ୟନାମ ଜଗତରେ ପ୍ରଚାର କରୁଅଛନ୍ତି । ଏହି ସତ୍ୟନାମର ମାହାତ୍ମ୍ୟ ଅନ୍ୟ ନାମ ଅପେକ୍ଷା ଶ୍ରେଷ୍ଠ । ଏହି ସତ୍ୟନାମ ସର୍ବଶକ୍ତିମାନ୍ । ନାମ ଓ ନାମୀ ଅଭେଦ । ଏହି ସତ୍ୟନାମର ମାହାତ୍ମ୍ୟ ଅଶେଷ ।

ହାୟ ! ହାୟ ! ପ୍ରକୃତ ସାଧକର ଅଭାବରେ, ପ୍ରକୃତ ତତ୍ତ୍ୱଦ୍ରଷ୍ଟାର ଅଭାବରେ, ପୃଥିବୀ ବାସୀଙ୍କର ଯେ କି ଦଶା ହୋଇଅଛି ତାହା ଚିନ୍ତା କଲେ ଅତ୍ୟନ୍ତ ଦୁଃଖ ହୁଏ । ଦେଶର ଅନେକ ଲୋକ ପ୍ରକୃତରେ ପିପାସିତ, କିନ୍ତୁ ବିଶୁଦ୍ଧ ଜଳର ବଡ଼ ଅଭାବ । ଅନ୍ଧବିଶ୍ୱାସୀ ଓ ଧର୍ମୋନ୍ମାଦ ବ୍ୟକ୍ତିଗଣ ପ୍ରାଣପାତ କରି ନାମପ୍ରଚାର କରୁଅଛନ୍ତି । ସେମାନେ ଯଦି ସତ୍ୟନାମର ତତ୍ତ୍ୱ ଜାଣନ୍ତେ ଓ ବୁଝନ୍ତେ ତା’ହେଲେ ଆଜି ପୃଥିବୀର ଯେ କି କଲ୍ୟାଣ ସାଧିତ ହୁଅନ୍ତା ତାହା କଳ୍ପନାତୀତ । ହେ କରୁଣାସିନ୍ଧୁ ପରମ ପୁରୁଷ ! ତୁମେ ଦୟାକରି ସେମାନଙ୍କୁ ତୁମର ସତ୍ୟନାମ ଓ କାଳ୍ପନିକ ନାମର ଭେଦ ବୁଝି ପାରିବାର ଶକ୍ତି ଦିଅ । ଲୋକସମାଜରେ ସତ୍ୟ ପ୍ରଚାରିତ ଓ ପ୍ରତିଷ୍ଠିତ ହେଉ ।

ଅନେକ ସ୍ଥଳରେ ସତ୍ୟନାମ ପ୍ରଚାରିତ ନହୋଇ ପ୍ରଚାରିତ ହେଉଛି କାଳ୍ପନିକ ନାମ । ଯେଉଁ ନାମ ଅନାହତ-ନାଦ-ମୂଳକ ନିତ୍ୟ ନାମ ନୁହେଁ — ଅଥଚ ବ୍ୟକ୍ତିଗତ ବା ବସ୍ତୁଗତ ନାମ ବା କାଳ୍ପନିକ ନାମ ଅଟେ । ଏହ କାଳ୍ପନିକ ନାମ ଅବତାର ବା ବ୍ୟକ୍ତିବିଶେଷଙ୍କ ପ୍ରତି ଶ୍ରଦ୍ଧା ଆନୟନର ସହାୟକ ମାତ୍ର । କିନ୍ତୁ ତାହା ସାଧନ କ୍ଷେତ୍ରରେ ଗଭୀର ଉପଲବ୍ଧି ଦାନ କରିବାରେ କୌଣସି ସାହାଯ୍ୟ କରେ ନାହିଁ । ଶ୍ରୀଚୈତନ୍ୟଦେବ ସେଥିପାଇଁ ଲୋକସମାଜ ମଧ୍ୟରେ ପ୍ରକାଶ୍ୟ ଭାବରେ କାଳ୍ପନିକ ନାମର ସହାୟତାରେ ସଂକୀର୍ତ୍ତନ କରୁଥିଲେ ଏବଂ ତଦ୍ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରଦ୍ଧା ବା ଭକ୍ତି ସୃଷ୍ଟି କରାଇ ନେଉଥିଲେ । ପରେ ସେହି ସବୁ ଲୋକଙ୍କୁ ‘କ୍ଲୀଂ’ ପ୍ରଭୃତି ଅନାହତ-ନାଦ-ମୂଳକ ନାମ ଗୁପ୍ତ ଭାବରେ ପ୍ରଦାନ କରୁଥିଲେ ବା କରାଉଥିଲେ । ସେହି ଅନାହତ-ନାଦମୂଳକ ନାମ ଦ୍ୱାରା ହିଁ ପ୍ରକୃତ ଭକ୍ତି ଓ ଉପଲବ୍ଧି ଉପସ୍ଥିତ ହେଉଥିଲା । କୃଷ୍ଣ ନାମ ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ବାହ୍ୟ ଶ୍ରଦ୍ଧା ଭକ୍ତି ଆସିପାରେ, କିନ୍ତୁ ‘କ୍ଲୀଂ’ ବୀଜ ବା ନିତ୍ୟନାମ ଦ୍ୱାରା ହିଁ ଶ୍ରୀକୃଷ୍ଣଙ୍କ ଭିତରର ଭାବ ବା ତତ୍ତ୍ୱ ଜଣାଯାଏ । ସତ୍ୟ ନାମର ଅଶେଷ ମାହାତ୍ମ୍ୟ ଓ ଅଦ୍ଭୁତ ଶକ୍ତି ରହିଛି ।

ଭଗବାନଙ୍କର ନାମ ଦୁଇ ପ୍ରକାର ଅଛି । ଗୋଟିଏ ସତ୍ୟନାମ ବା ବୀଜମନ୍ତ୍ର ଓ ଅନ୍ୟଟି କଳ୍ପନାମୂଳକ ନାମ । ସତ୍ୟନାମ ବା ବୀଜମନ୍ତ୍ରର ଗୁହ୍ୟ ରହସ୍ୟ ଋଷିମାନେ ଜାଣିଥିଲେ । ବର୍ତ୍ତମାନ ତଥାକଥିତ ପଣ୍ଡିତ, ସାଧକ ଏବଂ ସିଦ୍ଧନାମଧାରୀ ବ୍ୟକ୍ତି ମଧ୍ୟ ବୀଜମନ୍ତ୍ରର ରହସ୍ୟ ଜାଣନ୍ତି ନାହିଁ । ସତ୍ୟନାମ ନିତ୍ୟ, ଏହାର ସଂଖ୍ୟା ମଧ୍ୟ ଅଗଣ୍ୟ ନୁହେଁ, ଯଦିଓ କଳ୍ପନାମୂଳକ ନାମ ଲକ୍ଷ ଲକ୍ଷ ହୋଇପାରେ । ସାଧନା ସମୟରେ ଶ୍ରୁତ ଅନାହତ ନାଦର ବୋଧକ ଶବ୍ଦ ହିଁ ବୀଜମନ୍ତ୍ର । ଏହାବ୍ୟତୀତ ଅନ୍ୟ ସମସ୍ତ ହିଁ କେବଳ କଳ୍ପନାମୂଳକ ନାମ । ଭାରତରେ ଧର୍ମସାହିତ୍ୟର ପ୍ରଣବ ମଧ୍ୟ ଏହିପରି ଗୋଟିଏ ବୀଜ । ଅନାହତ ଓଁକାର ଧ୍ୱନି ସାଧକ ଋଷିତ୍ୱ ପ୍ରାପ୍ତ ହେଲେ ନିଜ ଅନ୍ତଃକରଣରେ ଉପଲବ୍ଧି କରିପାରନ୍ତି । ଏହି ଅବସ୍ଥାରୁ ମଧ୍ୟ ଉଚ୍ଚତର ଅବସ୍ଥା ଅଛି, ଯେଉଁଠି ଅନ୍ୟପ୍ରକାର ଉଚ୍ଚ ଧରଣର ଅନାହତ ନାଦର ଉପଲବ୍ଧି ଘଟେ, ଯାହା ଅପେକ୍ଷା ଉଚ୍ଚତର ଓ ସୂକ୍ଷ୍ମତର ଅନାହତ ନାଦର ସମ୍ବାଦ କେହି ଜାଣନ୍ତି ନାହିଁ । ତାହା ହିଁ ଆଦି ଅନାହତ ନାଦ । ଆଉ ସେହି ନାଦର ପ୍ରକାଶକ ଶବ୍ଦ ହିଁ ଆଦିବୀଜ ବା ପ୍ରକୃତ ଆଦିନାମ ବା ସର୍ବଶ୍ରେଷ୍ଠ ନାମ । ବୈଦିକ ଋଷିମାନେ ପ୍ରଣବକୁ ହିଁ ଆଦିନାଦ ବୋଲି ଜାଣିଥିଲେ । ଶ୍ରୀକୃଷ୍ଣ ନିଜ ଜୀବନରେ ପ୍ରଣବ ଅପେକ୍ଷା ମଧ୍ୟ ଅତି ଉଚ୍ଚ ବୀଜମନ୍ତ୍ରର ଦ୍ରଷ୍ଟା ଥିଲେ । କିନ୍ତୁ ସେ କେଉଁ ବୀଜମନ୍ତ୍ରର ଦ୍ରଷ୍ଟା ଥିଲେ, ତାହା ବର୍ତ୍ତମାନ ବହୁ ଅବତାରକଳ୍ପ ସାଧକ ମଧ୍ୟ ଜ୍ଞାତ ନୁହଁନ୍ତି । କଳି ଯୁଗର ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ସେହି ଅଷ୍ଟାଦଶ ସ୍ତରର ବୀଜମନ୍ତ୍ର ବିତରଣ କରୁଛନ୍ତି ।

ସେଥିପାଇଁ ଯଥାର୍ଥରେ କୁହାଯାଇଛି –
ତବ ନାମ ସଦା ଶୁଭ ସାଧକ ହେ,
ପତିତାଧମ ମାନବ ପାବକ ହେ ।
ତ୍ରୟତାପ ହରେ ତବ ନାମ ଗୁଣେ
ଗୁରୁଦେବ ଦୟାକର ଦୀନ ଜନେ ।

*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ, କଟକ,*
*ଦୂରଭାଷା : ୯୪୩୭୦୫୧୯୫୭*




# ୨୦୨୩-୨୪ ଶିକ୍ଷାବର୍ଷରୁ ଏନ୍.ସି.ସିକୁ ସ୍ନାତକ ପାଠ୍ୟକ୍ରମରେ ସାମିଲ କରାଯିବ

**ଭୁବନେଶ୍ୱର, (ପିଏନ)-**ୟୁନିର୍ଭସିଟି ଗ୍ରାଂଟ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏବଂ ତା. ୨୧/୧୦/୨୦୨୨ରିଖରେ କୁଳପତିଙ୍କ ନିଷ୍ପତି କ୍ରମେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଏନ୍‌ସିସିକୁ ସ୍ନାତକ (ୟୁଜି) ସ୍ତରରେ ପାଠ୍ୟକ୍ରମରେ ସାମିଲ କରାଯିବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ୟୁଜିସିର ମଡେଲ ସିଲାବସ୍ ଆଧାରରେ ୟୁଜିସ୍ତରରେ ଏନ୍‌ସିସିକୁ ଜେନେରାଲ ଇଲେକଫିଭ୍ ବିଷୟବସ୍ତୁ ଭାବେ ପଢ଼ାଯିବ । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି ।

ବର୍ତ୍ତମାନ ଏନ୍‌ସିସି ଏକ ପାଠ୍ୟକ୍ରମ ବାହାର କାର୍ଯ୍ୟକ୍ରମ ଭାବେ ରହିଥିବାରୁ ଛାତ୍ରଛାତ୍ରୀମାନେ ଏନେଇ ସେମାନଙ୍କର ପାଠ୍ୟକ୍ରମରେ କୌଣସି ଲାଭବାନ ପଏଂଟ ପାଇପାରୁ ନାହାନ୍ତି । ୨୦୨୦ ଜାତୀୟ ଶିକ୍ଷାନୀତି ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ବିଷୟବସ୍ତୁ ଓ ବାହ୍ୟବିଷୟବସ୍ତୁ କାର୍ଯ୍ୟକଳାପ ମଧ୍ୟରେ ଥିବା ପ୍ରଭେଦକୁ ଦୂର କରିବା ପାଇଁ ଚେଷ୍ଟା କରିଛନ୍ତି । ସେଥିପାଇଁ ୟୁନିର୍ଭସିଟି ଗ୍ରାଂଟ କମିଶନ (ୟୁଜିସି) ଏନ୍‌ସିସି ଡି.ଜି., ନୂଆଦିଲ୍ଲୀଙ୍କ ପ୍ରସ୍ତାବ କ୍ରମେ ଏନ୍‌ସିସିକୁ ଏକ ଇଲେକ୍‌ଟିଭ୍ ବିଷୟବସ୍ତୁ ଭାବରେ ଗ୍ରହଣ କରିବା ସହିତ ଏ ନେଇ ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନଙ୍କୁ ଚଏସ୍-ବେସଡ୍ କ୍ରେଡିଟ୍ ସିଷ୍ଟମ୍ (ସିବିସିଏସ୍) ଅଧୀନରେ ଏନ୍‌ସିସିକୁ ଏକ ଜେନେରିକ୍ ଇଲେକଫିଭ୍ କ୍ରେଡିଟ୍ କୋର୍ସ ଭାବରେ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି ।

ଆସନ୍ତା ଶିକ୍ଷାବର୍ଷଠାରୁ ଏହା ଲାଗୁ ହେବ । ୟୁକ୍ତ ତିନି କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ ଏବଂ ଏନ୍‌ସିସି ୟୁନିଟ୍ ଥିବା ୧୮୩ଟି ମହାବିଦ୍ୟାଳୟରେ ଉପଲବ୍ଧ ହେବ । ଏଥିରେ ସିଲାବସ୍ କ'ଣ ରହିବ ଏବଂ ପରୀକ୍ଷା କିପରି ହେବ, ସେ ନେଇ ମଧ୍ୟ ଚିଠିରେ ସମସ୍ତ ସୂଚନା ପ୍ରଦାନ କରାଯାଇଛି । ଏହି ବିଷୟ ପାଇଁ ୪ଟି ସେମିଷ୍ଟରର ୪୦୦ ମାର୍ଗର ପରୀକ୍ଷା ଅନୁଷ୍ଠିତ ହେବ । ପ୍ରତି ସେମିଷ୍ଟାରରେ ୪ଟି ୟୁନିଟ୍, ୬ଟି କ୍ରେଡିଟ୍, ୧୦୦ ମାର୍ଗ ଥାଇ ଗୋଟିଏ ପେପର ପରୀକ୍ଷା କରାଯିବ । ପ୍ରଶିକ୍ଷଣପ୍ରାପ୍ତ ଏନ୍‌ସିସି ଅଫିସରମାନେ ଫାକଲ୍‌ଟି ଭାବେ କାର୍ଯ୍ୟକରିବେ । ସେମାନଙ୍କୁ ଉଭୟ ପ୍ରାକ୍‌ଟିକାଲ ଓ ଲିଖିତ ପରୀକ୍ଷା ପାଇଁ ଡି.ଜି. ଏନ୍‌ସିସିଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ । ରାଜ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଭଳି ପାଠ୍ୟକ୍ରମ ନିଶ୍ଚିତ ଭାବେ ଯୁବକଯୁବତୀମାନଙ୍କୁ ଭବିଷ୍ୟତରେ ଦେଶର ସେବା ଓ ଦେଶଗଠନରେ ସହାୟକ କରାଇପାରିବ । ଏହି ପାଠ୍ୟକ୍ରମ ସଂପୂର୍ଣ୍ଣ କରିବା ପରେ ଛାତ୍ରଛାତ୍ରୀମାନଙ୍କୁ କ୍ରେଡିଟ୍ ପଏଂଟ ପ୍ରଦାନ କରାଯିବ, ଯାହା ତାଙ୍କର ନିର୍ଦ୍ଧାରିତ ଡିଗ୍ରୀରେ ଉତୀର୍ଣ୍ଣ ହେବାରେ ସହାୟକ ହେବ ।

# ନୁଭୋକୋ ପକ୍ଷରୁ ଟେକ୍ ଏକ୍ସପ୍ରେସ୍ ଉଦଘାଟିତ

**ଭୁବନେଶ୍ୱର:** ଭାରତର ୫ମ ସର୍ବବୃହତ୍ ସିମେଂଟ୍ ଗ୍ରୁପ୍ ଓ ପୂର୍ବ ଭାରତର ଅଗ୍ରଣୀ ସିମେଂଟ୍ ନିର୍ମାତା, ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିଃ ୫୦ଟି ଟେକ୍ ଏକ୍ସପ୍ରେସ୍ ଯାନ (ଟେକ୍ନିକାଲ ମୋବାଇଲ ଭ୍ୟାନ)ର ଶୁଭାରମ୍ଭ କରିଛି । ଏହାଦ୍ୱାରା କମ୍ପାନୀର ଉଦ୍ଦେଶ୍ୟ ହେଉଛି ଦକ୍ଷ ନିର୍ମାଣ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଉତର, ପୂର୍ବ ଓ କେନ୍ଦ୍ର ଭାରତୀୟ ବଜାରଗୁଡ଼ିକରେ ଗ୍ରାହକଙ୍କୁ ଅନ୍-ସାଇଟ୍ ସେବା ପ୍ରଦାନ କରିବା । ଟେକ୍ ଏକ୍ସପ୍ରେସ୍ ହେଉଛି ଏକ ମାଗଣା ମୂଲ୍ୟ-ଯୋଗକାରୀ ସେବା ଯାହାକୁ ନୁଭୋକୋ କଂକ୍ରିଟ୍ ପ୍ଲେସ୍‌ମେଂଟ୍ ସମୟରେ ନିରନ୍ତର ଓ ଉଚ୍ଚମାନର କଂକ୍ରିଟ୍ ସୁନିଶ୍ଚିତ କରିବା ପାଇଁ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ପ୍ରଦାନ କରିଥାଏ । ଏହି ଯାନଗୁଡ଼ିକ ସାମଗ୍ରୀଗୁଡ଼ିକୁ ସାଇଟ୍‌ରେ ମୂଲ୍ୟାୟନ ବା ଯାଂଚ କରିବା ପାଇଁ ଆବଶ୍ୟକୀୟ ପରୀକ୍ଷଣ ସୁବିଧା ଓ ଉପକରଣ ସହ ସୁସଜ୍ଜିତ ରହିଛି ଏବଂ ଏହାକୁ କ୍ୟାପ୍ଟେନ ନୁଭୋକୋ ପରିଚାଳନା କରୁଛନ୍ତି । କ୍ୟାପ୍ଟେନ ନୁଭୋକୋ ହେଉଛନ୍ତି ଜଣେ ଯୋଗ୍ୟ ସିଭିଲ୍ ଇଞ୍ଜିନିୟର ଯିଏ ନିର୍ମାଣ ପାଇଁ ସର୍ବୋତମ କାର୍ଯ୍ୟ ଉପରେ ପରାମର୍ଶ ଦେଇଥାନ୍ତି । କଂକ୍ରିଟ୍ ଢଳାଯିବା ପୂର୍ବରୁ କୌଣସି ତ୍ରୁଟି ଥିଲେ ତାହାକୁ ଚିହ୍ନଟ କରିବା ଓ ଠିକ୍ କରିବା ପାଇଁ ସୁଯୋଗ ଦେବା ଲାଗି ଟେକ୍ ଏକ୍ସପ୍ରେସ୍ କିଛି ପ୍ରମୁଖ କାରକ ଯେପରିକି ସ୍ଲମ୍ପ କୋନ୍ ଟେଷ୍ଟ୍ (ଏକ ମିଶ୍ରଣର ଗୁଣବତା ଓ ସ୍ଥାୟିତ୍ୱକୁ ଆକଳନ କରିବା), ସିଲ୍ଟ ଟେଷ୍ଟ୍, ସ୍ଲାବ୍ କାଷ୍ଟିଙ୍ଗ୍ ସୁପରଭିଜନ, ରିବାଉଣ୍ଡ ହାମର୍ ଟେଷ୍ଟ୍ ଆଦିରେ ସାହାଯ୍ୟ କରିପାରିଥାଏ । ଏହି ଉନ୍ମୋଚନ ଅବସରରେ ନୁଭୋକୋର ସିମେଂଟ୍ ବିଭାଗର ମୁଖ୍ୟ ବିକ୍ରି ଓ ବ୍ୟବସାୟ ବିକାଶ ଅଧିକାରୀ ବିନିତ୍ କୁମାର ତିୱାରୀ କହିଛନ୍ତି, 'ଇଣ୍ଡିଭିଜୁଆଲ ହୋମ୍ ବିଲ୍ଡର (ଆଇଏଚ୍‌ବି)ମାନେ ଆମ ବଜାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟନ୍ତି ଏବଂ ସେମାନେ ନିର୍ମାଣ ପ୍ରକ୍ରିୟା ବେଳେ ବାରମ୍ବାର ଆନୁଷ୍ଠାନିକ ବୈଷୟିକ ସହଯୋଗରୁ ବଂଚିତ ରୁହନ୍ତି ।




# ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସ୍ୱତନ୍ତ୍ର ପ୍ରୟାସ

ଭୁବନେଶ୍ୱର,(ପିଏନ)- ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସରକାରୀ ସ୍ତରରେ ଯାରି ପ୍ରୟାସକୁ ଆହୁରି ବ୍ୟାପକ କରାଯିବ । ଦୈନିକ ଆର୍ଥିକ ଏବଂ ମହିଳା ଓ ଶିଶୁମାନଙ୍କ ଉପରେ ଯୌନଜନିତ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏଥି ନିମନ୍ତେ ଏକ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ତୃଣମୂଳ ସ୍ତରରେ ସାଇବର ଅପରାଧ ବିରୋଧି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ବିଶେଷକରି ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ ଉକ୍ତ ଅଭିଯାନରେ ସବୁ ବର୍ଗକୁ ସାମିଲ କରିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ୩୪ଟି ସଚେତନତା ରଥ ରାଜ୍ୟର ପ୍ରତ୍ୟେକ ଥାନାକୁ ଗସ୍ତ କରି ଭିଡ଼ିଓ ଅଡ଼ିଓ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବ । ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରର କାନ୍ଥରେ ପେଂଟିଂ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ । ଏପରିକି ବିଦ୍ୟାଳୟ ସ୍ତରରେ ଅଭିଭାବକ-ଶିକ୍ଷକ ମାନଙ୍କ ବୈଠକରେ ସାଇବର କ୍ରାଇମ ପ୍ରତି ସଚେତନ ରହିବାକୁ ମଧ୍ୟ ଆଲୋଚନା ହେବ । ଅର୍ଥ ନେଣଦେଣ ପୂର୍ବରୁ ସତ୍ୟତା ଯାଂଚ କରିବା, ଅଜଣା ବ୍ୟକ୍ତିଙ୍କ ସହ ଅନାବଶ୍ୟକ ବନ୍ଧୁତା ରକ୍ଷା ନକରିବା, ଅଜଣା ଏସ୍.ଏମ୍.ଏସ୍, ଲିଙ୍କ କିମ୍ବା ସନ୍ଦେହାତ୍ମକ ଆପ୍ ଡାଉନଲୋଡ ନକରିବା ଉପରେ ମୁଖ୍ୟତଃ ସଚେତନ ସୃଷ୍ଟି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

ଉଭୟ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ମଧ୍ୟ ଅଭିଯାନ ଯାରି ରହିବ । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମଧ୍ୟ ନିୟମିତ ଭାବେ ସାଇବର ଅପରାଧ ନିୟନ୍ତ୍ରଣ ଜନିତ ବାର୍ତ୍ତା ପ୍ରଦାନ କରାଯିବ । ଏଥି ନିମନ୍ତେ ବିଭିନ୍ନ ଆଲୋଚନା ଚକ୍ରର ମଧ୍ୟ ଆୟୋଜନ କରାଯିବ । ଏପରିକି "ସଚେତନ ରହିବା ଏବଂ ସୁରକ୍ଷିତ ରହିବା-ସାଇବର ଅପରାଧ ମୁକ୍ତ ଓଡ଼ିଶା" ଉପରେ ରୋଡ ରନ, ସାଇକ୍ଲୋଥନ, ଶୋଭାଯାତ୍ରା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ ଓ କୁଇଜ ପ୍ରତି ଯୋଗିତା ମଧ୍ୟ କରାଯିବ । ଏଭଳି ଅଭିଯାନ ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ ।

ସୂଚନାଯୋଗ୍ୟ ଦେଶରେ ୨୦୨୧ ମସିହାରେ ୫୨ ହଜାର ୯୭୫ ମାମଲା ପଞ୍ଜିକୃତ ହୋଇଥିଲା ଯାହା ଏହାର ପୂର୍ବ ବର୍ଷ ଅପେକ୍ଷା ସାଇବର ଅପରାଧଜନିତ ମାମଲାରେ ୫.୯ ପ୍ରତିଶତ ବୃଦ୍ଧି ପାଇଥିଲା । ସେହିଭଳି ଓଡ଼ିଶାରେ ୨୦୧୯ ମସିହାରେ ୧୪୮୫ଟି, ୨୦୨୦ ରେ ୧୯୩୧ ଏବଂ ୨୦୨୧ ରେ ୨୦୩୭ଟି ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ସାଇବର ହେଲ୍ପ ଡେସ୍କ ମାଧ୍ୟମରେ ରାଜ୍ୟରେ ୨୦୨୧ ମସିହାରେ ୩୪୦୨ଟି ପିଟିସନ ଗ୍ରହଣ କରାଯାଇଥିବା ବେଳେ ୨୦୨୨ ମସିହାରେ ୭୭୦୦ଟି ପିଟିସନ ଗ୍ରହଣ କରାଯାଇଛି । କୌଣସି ବ୍ୟକ୍ତି ସାଇବର ଜନିତ ଅପରାଧ ସଂପର୍କରେ ଅଭିଯୋଗ କରିବାକୁ ହେଲେ ୧୯୩୦ ସହ ଯୋଗାଯୋଗ କରି ଅଭିଯୋଗ କରିପାରିବେ । ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଇଲୋକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଡ଼ଃ ସନ୍ତୋଷ ବାଲା, ଡିଜିପି ଶ୍ରୀ ସୁନିଲ ବଂଶଲ, ମିଶନ ଶକ୍ତି ବିଭାଗ ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତିକେୟନ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶକ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ଆଇଜି ଅଫ ପୋଲିସ ସି.ଆଇ.ଡି. ସି.ବି ସିଫିନ୍ ଅହମ୍ମଦ କେ. ପ୍ରମୁଖ ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ଓବିସି କମିଶନଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କଲା ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା

**ଭୁବନେଶ୍ୱର, (ପିଏନ)-** ଓଡ଼ିଶାରେ ଓବିସି ଓ ଏସିବିସି ବର୍ଗର ସାମାଜିକ, ଆର୍ଥିକ, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଉତ୍‌ଥାନ ଚାହୁଁ ନାହିଁ ବିଜେଡି ସରକାର । ରାଜ୍ୟ ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ଯାହାକି ପାଖାପାଖି ୨.୫ କୋଟି ଓବିସି ଓ ଏସଇବିସି ବର୍ଗର ଲୋକଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ ରଖାଯାଉଛି । ପଂଚାୟତ ଓ ମ୍ୟୁନିସପାଲଟି ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ଓ ଏସଇବିସି ବର୍ଗଙ୍କ ସର୍ଭେ ଯଥାଶୀଘ୍ର କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ଏ ସଂପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ । ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ୟୁପି ସରକାର ଓବିସି ଜନଗଣନା କରି ତାଲିକା ପ୍ରସ୍ତୁତ କରିଥିବାବେଳେ 'ଆମ ପାଖରେ ଓବିସି ଓ ଏସଇବିସିଙ୍କର କୌଣସି ତଥ୍ୟ ନାହିଁ' ବୋଲି କହି ରାଜ୍ୟ ସରକାର ମାନ୍ୟବର ହାଇକୋର୍ଟଙ୍କୁ ସତ୍ୟପାଠ ଦାଖଲ କରି ବିନା ଓବିସି ସଂରକ୍ଷଣରେ ନିର୍ବାଚନ କରାଇଲେ । "ସର୍ଭେ ଦାୟୀତ୍ୱ ଆମର ନୁହେଁ, ଏହା କେନ୍ଦ୍ର ସରକାରଙ୍କ" ବୋଲି କହି ନିଜ କାନ୍ଧରୁ ଦାୟୀତ୍ୱକୁ ଖସାଇ ଚାଲିଛି ବିଜେଡି ସରକାର । ଭାରତୀୟ ଜନତା ପାର୍ଟି ତରଫରୁ ଓବିସି ଓ ଏସଇବିସିଙ୍କ ସର୍ଭେ କରାଯାଇ ଆନୁପାତିକ ପ୍ରତିଶତ ନିର୍ଦ୍ଧାରଣ କରି ସଂରକ୍ଷଣ ସୁନିଶ୍ଚିତ କରାଇବାକୁ ରାଜ୍ୟ ଓବିସି କମିଶନ ଏବଂ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି । ବିଜେପିର ବାରମ୍ବାର ଆନ୍ଦୋଳନ ପରେ ୩ ବର୍ଷ ପୂର୍ବରୁ ଗଠିତ ହୋଇଥିବା ରାଜ୍ୟ ଓବିସି କମିଶନ ବର୍ତମାନ ମଧ୍ୟ ସ୍ଥାଣୁ ପାଲଟିଛନ୍ତି । ଏପରିକି ତାଙ୍କ ପାଖରେ କୌଣସି କ୍ଷମତା ନଥିବାର ସେ ନିଜେ ସ୍ୱୀକାର ମଧ୍ୟ କରିଛନ୍ତି । ଭାରତୀୟ ଜନତା ପାର୍ଟୀ ତରଫରୁ ଏ ସଂପର୍କରେ ବିଭାଗୀୟ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ବିଜେଡି ସରକାର ଦ୍ୱାରା ଅଗଣିତ ଓବିସି ବର୍ଗ ଭାଇ ଓ ଭଉଣୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ହସ୍ତକ୍ଷେପ କରି ବିହୀତ ପଦକ୍ଷେପ ଗହଣ କରିବାକୁ ବିଜେପି ତରଫରୁ ଆଜି ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ କମିଶନ ଶ୍ରୀ ହଂସରାଜ ଗଙ୍ଗାରାମ ଅହିରଙ୍କୁ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ସେହିପରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଓବିସି ବର୍ଗଙ୍କୁ ପ୍ରତାରଣା କରିଆସୁଛି ବିଜେଡି ସରକାର । ଓବିସି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ ସରକାର କ୍ରମାଗତ ଭାବେ ଅଣଦେଖା କରିଆସୁଥିବାରୁ ବହୁ ସଂଖ୍ୟାରେ ଆର୍ଥିକ ଅନଗ୍ରସର ଓ ପଛୁଆ ବର୍ଗର ଛାତ୍ରଛାତ୍ରୀ ଆଜି ସମାଜର ବିକାଶ ସ୍ରୋତରେ ସାମିଲ ହେବାରୁ ବଂଚିତ ହେଉଛନ୍ତି । ପଛୁଆ ବର୍ଗର ଯୁବକ ଯୁବତୀମାନଙ୍କ ପାଇଁ ଥିବା 'ପଛୁଆ ବର୍ଗ ଫାଇନାନ୍ସ ଆଣ୍ଡ ଡେଭେଲପମେଂଟ କୋଅପରେଟିଭ କର୍ପୋରେସନ' ମଧ୍ୟ ଅଚଳ ହୋଇପଡିଥିବାରୁ ଆର୍ଥିକ ବିକାଶ ସମ୍ଭବ ହେଉନାହିଁ । ରାଜ୍ୟରେ ବାସ କରୁଥିବା ପଛୁଆ ବର୍ଗଙ୍କ ସ୍ୱାର୍ଥ ପାଇଁ ଜାତୀୟ ଓବିସି କମିଶନ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବୀ ଜଣାଇଛନ୍ତି ।

ଏହି ପ୍ରତିନିଧି ଦଳରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ କୁମାର ଦାସ, ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଓ ପକ୍ଷରୁ ବଲାଙ୍ଗୀର ଓ ନାଲ୍‌କୋରେ ଟ୍ରୁ-୫ଜିର ଶୁଭାରମ୍ଭ, ସାରା ଓଡ଼ିଶାର ୧୨ଟି ସହରରେ ପହଂଚିଲା ଟ୍ରୁ-୫ଜି

ଭୁବନେଶ୍ୱର,(ପିଏନ): ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାର ବଲାଙ୍ଗୀର ସହର ଓ ଅନୁଗୁଳ ଜିଲ୍ଲାର ନାଲ୍‌କୋ ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଆଜି ଘୋଷଣା କରାଯାଇଛି । ଏହା ସହିତ ଓଡ଼ିଶାର ୧୨ଟି ସହରରେ ଜିଓ ଗ୍ରାହକମାନେ ଏବେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଛନ୍ତି । ପୂର୍ବରୁ ଜିଓ ଟ୍ରୁ-୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ ଓ ସମ୍ବଲପୁର ଭଳି ୧୦ଟି ସହରରେ ଶୁଭାରମ୍ଭ ହୋଇଥିଲା ।

ଜାତୀୟ ସ୍ତରରେ ୩୪ଟି ଅଧିକ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ବିଷୟରେ ଆଜି ରିଲାଏନ୍ସ ଜିଓ ପକ୍ଷରୁ ଘୋଷଣା କରାଯାଇଛି ଯାହା ଫଳରେ ଜିଓ ଗ୍ରାହକମାନେ ୨୨୫ଟି ସହରରେ ଏବେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଛନ୍ତି ।

ଏହି ସବୁ ସହରଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରରେ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ଜିଓ ପକ୍ଷରୁ ୫ଜି ସେବାର ଶୁଭରମ୍ଭ କରାଯାଇଛି । ଆଜିଠାରୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ପର୍ଯ୍ୟନ୍ତର ଅସୀମିତ ଡାଟା ଅନୁଭୂତି ହାସଲ କରିବା ଲାଗି ଏହି ସହରଗୁଡ଼ିକରେ ଜିଓ ଗ୍ରାହକମାନଙ୍କୁ ଜିଓ ୱେଲକମ୍ ଅଫରରେ ଆମନ୍ତ୍ରଣ କରାଯିବ ।

ଏହି ଅବସରରେ ଜିଓର ପ୍ରବକ୍ତା କହିଛନ୍ତି ଯେ, "ଅତିରିକ୍ତ ୩୪ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ । ଦେଶର ମୋଟ ୨୨୫ଟି ସହରରେ ଏବେ ଏହି ସେବା ପହଂଚିପାରିଛି । ବିଟା ପରୀକ୍ଷଣର ଶୁଭାରମ୍ଭ ପରେ ୧୨୦ ଦିନରୁ କମ୍ ସମୟ ଭିତରେ ଜିଓ ଏହି ମାଇଲଖୁଂଟ ହାସଲ କରିଛି ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ବୈପ୍ଲବିକ ଜିଓ ଟ୍ରୁ-୫ଜି ସେବା ସହ ସାରା ଦେଶକୁ ଯୋଡ଼ିବା ପଥରେ ଏହା ଅଗ୍ରସର ରହିଛି ।

ବିଶ୍ୱରେ ପ୍ରଥମ ଥର ପାଇଁ କୌଣସି ଅଂଚଳରେ ଏତେ ବ୍ୟାପକ ଭାବେ ଏକ ୫ଜି ନେଟ୍‌ୱର୍କର ଶୁଭାରମ୍ଭ କରାଯାଇଛି ଏବଂ ୨୦୨୩ ଭାରତ ପାଇଁ ଏକ ମାଇଲଖୁଂଟ ବର୍ଷ ସାବ୍ୟସ୍ତ ହେବାକୁ ଯାଉଛି ଯେତେବେଳେ ଜିଓର ଉତ୍କୃଷ୍ଟ ନେଟ୍‌ୱର୍କ ଭିତିଭୂମି ଜରିଆରେ ସମଗ୍ର ଦେଶ ବୈପ୍ଲବିକ ଟ୍ରୁ-୫ଜି ପ୍ରଯୁକ୍ତିର ଲାଭ ହାସଲ କରିବ ।

ଆମ ଦେଶକୁ ଡିଜିଟାଇଜ୍ କରିବା ଲାଗି ଆମ ଉଦ୍ୟମରେ ଆମକୁ ନିରନ୍ତର ସହଯୋଗ ପ୍ରଦାନ କରୁଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ନିକଟରେ ଆମେ କୃତଜ୍ଞ ।'

# ବାର୍ଦ୍ଧକ୍ୟ ଭତ୍ତା ନପାଇ ହଇହଇା-ପ୍ରଶାସନ ସ୍ଥାଣୁ

**ମାଲକାନଗିରି,(ପିଏନ)-**ଗୋରାଖୁଣ୍ଟା ପଞ୍ଚାୟତର କୁରୁସୁବାଡ଼ା ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତାଭୋଗୀ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କୁରସୁବାଡା ଗ୍ରାମ ସମେତ ପନାରଗୁଡା, ମଟମଗୁଡା, ସିଙ୍ଗାଣିଗୁଡା ଗ୍ରାମର ପ୍ରାୟ ୫୦ରୁ ଅଧିକ ପେନସନ ଭୋଗୀ ଯୋଗ ଦେଇଥିଲେ । ଯେଉଁମାନେ କି କିଛି ମାସ ହେବ ପେନସନ ପାଉନଥିବା କହିଥିଲେ । ଏଭଳିକି ବ୍ୟାଙ୍କକୁ ଗଲେ ପେନସନ ଆସିନଥିବା ବ୍ୟାଙ୍କ କର୍ମଚାରୀ କହୁଥିବା ପ୍ରକାଶ କରିଥିଲେ । ବ୍ୟାଙ୍କ ମାନଙ୍କରେ ପାସ ବୁକ୍ ଅପଡେଟ କରୁନଥିବାରୁ ଭତ୍ତା ଆସୁଛି କି ନାହିଁ ଜାଣିପାରୁନଥିବା ଅଭିଯୋଗ କରିଥିଲେ । କେତେକ ରୋଗରେ ପୀଡିତ ଥିବା ଏବଂ ଚାଲିବାକୁ ଅକ୍ଷମ ଥିବାରୁ ମାଲକାନଗିରି ବ୍ୟାଙ୍କକୁ ଆସିବା ଅସମ୍ଭବ ଥିବାରୁ ଭତ୍ତା ପଇସା ଆସିବା ସମ୍ପର୍କରେ ସୂଚନା ସଂଗ୍ରହ କରିବା ସେମାନଙ୍କ ପାଇଁ ଅସମ୍ଭବ ବୋଲି କହିଥିଲେ । ଆଉ କେତେଜଣଙ୍କର ଆଧାର କାର୍ଡରେ ତୃଟି ଥିବା କିମ୍ବା ଆଧାର ଲିଙ୍କ ହୋଇନଥିବାରୁ ଭତ୍ତା ଆସୁନଥିବା କହିଥିଲେ । ଦୀର୍ଘ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ଗରିବ ଆଦିବାସୀ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କାରଣରୁ ଏହାର ସମାଧାନ ପାଇଁ ଯଥାଶୀଘ୍ର ଜିଲ୍ଲାପାଳକୁ ସାକ୍ଷାତ କରିବାପାଇଁ ନିଷ୍ପତ୍ତି ନେଇଥିଲେ । ଏହି ବୈଠକରେ ସମାଜସେବୀ ତଥା ଆଇନଜୀବୀ ଦୁର୍ଗା ପ୍ରସାଦ ତ୍ରିପାଠୀ ଙ୍କ ସମେତ ଗୋରାଖୁଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଏରା ପଡିଆମୀ, ପୂର୍ବତନ ସମିତି ସଭ୍ୟ ମୁକା ପଡିଆମୀ, ନାଏବ ସରପଞ୍ଚ କସା ମାଡକାମୀ, ଗାଙ୍ଗୀ ରାୱା, ରଶ୍ମିତା ପଡିଆମି, ନିବେଦିତା ସର୍‌ଦାର ପ୍ରମୁଖ ଯୋଗ ଦେଇଥିଲେ

# ପତାକା ଅବତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)- ସାଧାରଣତନ୍ତ୍ର ଦିବସ ପରେ ପରେ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ଓ.ଏସ୍.ଏ.ପି ସପ୍ତମ ବାଟାଲିୟନ୍ ପରିସରରେ ପତାକା ଅବତରଣ ଉତ୍ସବ ୨୦୨୩ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ପୁରାତନ ସମୟରେ ସୂର୍ଯ୍ୟନ୍ତ ହେବା କ୍ଷଣି ସୈନ୍ୟମାନଙ୍କୁ ରଣକ୍ଷେତ୍ରରୁ ଯୁଦ୍ଧନିବୃତ କରିବା ନିମନ୍ତେ ଏକ ସାମରିକ ପରମ୍ପରା ଭାବେ ଯୁଦ୍ଧାବସାନ ବାଦ୍ୟ ପ୍ରସ୍ତୁତ କରାଯାଉଥିଲା । ଏହି ପ୍ରାଚୀନ ପ୍ରଥାର ସ୍ମୃତିଚାରଣପୂର୍ବକ ଯୁଦ୍ଧାବସାନ ବାଦ୍ୟ ବାଜିବା କ୍ଷଣି ସ୍ଥିର ଭାବେ ଦଣ୍ଡାୟମାନ ହେବାର ପ୍ରଥା ଆଜି ବି ପ୍ରଚଳିତ । ଏହି ସମୟରେ ଅସ୍ତ୍ରଶସ୍ତ୍ରାଦି କୋଷବଦ୍ଧ ହେବା ସହିତ ପତାକାକୁ ଅବତରଣ କରାଯାଇଥାଏ । ଏହି ପୁରାତନ ପ୍ରଥାକୁ ସମୟ କ୍ରମେ ନୂତନ ପରମ୍ପରାରେ ଅଖ୍ୟାୟିତ କରାଯାଇ ପତାକା ଅବତରଣ ନାମରେ ଅଭିହିତ କରାଯାଇଛି । ତେବେ ସପ୍ତମ ବାଟାଲିୟନ୍‌ଠାରେ ଅନୁଷ୍ଠିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂଶଲ ଯୋଗଦେଇ ପତାକା ଅବତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୋଲ ସି କମିଶନର ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ଏସିପି(ଆର୍ମଡ୍) ଶ୍ରୀ ଶ୍ରଦ୍ଧାକର ଧରୁଆ, ସପ୍ତମ ବାଟାଲିୟନ୍ କମାଣ୍ଡାଂଟ ଶ୍ରୀ କାହ୍ନୁ ହାଂସଦା, ପୋଲିସ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ମହାତ୍ମାଗାନ୍ଧିଙ୍କ ତିରୋଧାନ ଦିବସ ପାଳିତ

**ଭଦ୍ରକ, (ପିଏନ)-** ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ୨୦୨୨ ମସିହା ସେପ୍ଟେମ୍ବର ୩ ତାରିଖ ଦିନ କନ୍ୟାକୁମାରୀ ଠାରୁ ଆରମ୍ଭ ହୋଇଥିବା 'ଭାରତ ଯୋଡ ଯାତ୍ରା' ଇତି ମଧ୍ୟରେ ୧୨ଗୋଟି ରାଜ୍ୟ ଓ ୨ଗୋଟି କେନ୍ଦ୍ରଶାସିତ ଅଂଚଳ ମଧ ଦେଇ ୩୯୭୦ କିଲୋମିଟର ପଥ ଅତିକ୍ରମ କରିସାରିଲାଣି । ଏହି ଯାତ୍ରା ଜାନୁୟାରୀ ୩୦ତାରିଖ ଜାତିର ଜନକ ମହାତ୍ମାଗାନ୍ଧୀଜୀଙ୍କ ତିରୋଧାନ ଦିବସରେ ଶ୍ରୀନଗର ଠାରେ ଉଦ୍‌ଯାପିତ ହେଉଅଛି । ଏହି ଯାତ୍ରା କୋଟି କୋଟି ଭାରତୀୟଙ୍କର ହୃଦୟ ଜିଣିଛି ଓ ଭାରତ ବର୍ଷକୁ ଯୋଡିବା ପାଇଁ ରାହୁଲ ଗାନ୍ଧୀଙ୍କ ବାର୍ତ୍ତାରେ ଜନସାଧାରଣ ଯୋଡି ହୋଇଛନ୍ତି । ରାହୁଲ୍ ଗାନ୍ଧୀଜୀ ଏତାଦୃଶ କାର୍ଯ୍ୟକୁ ସମର୍ଥନ ଦେଇ ଭଦ୍ରକ ଜିଲ୍ଲା କଂଗ୍ରେସର କାର୍ଯ୍ୟାଳୟ ଠାରେ ସକାଳ ୧୦ଘଟିକା ସମୟରେ ମହାତ୍ମାଗାନ୍ଧୀଜୀଙ୍କ ତୈଳ ଚିତ୍ରରେ ଉପସ୍ଥିତ କଂଗ୍ରେସର କର୍ମୀ ଓ ନେତୃମଣ୍ଡଳିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଜିଲ୍ଲା କଂଗ୍ରେସର ସଭାପତି ସୁବ୍ରତ ଦାସଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ତରଫରୁ ମନୋନିତ ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ (ବରି) ଚିନ୍ମୟ ବେହୁରିଆ ବକ୍ତବ୍ୟ ରଖି ରାହୁଲ ଗାନ୍ଧୀଜିଙ୍କ ଭାରତ ଯୋଡ ଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁର କଂଗ୍ରେସନେତା ଅଶୋକ ଦାସ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା, ଦିଗମ୍ବର ଦାସ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ରପାଢ଼ୀ, ଦେବେନ୍ଦ୍ର ମହାନ୍ତି, ଅବଦୁଲ ମୋକିତ୍ ଖାଁ, ଗୋଲକ ବେହେରା, ପିତାମ୍ବର ନାୟକ, ମହିଳା କଂଗ୍ରେସ ଜିଲ୍ଲା ସଭାନେତ୍ରୀ, ସବିତା ଚାନ୍ଦ, ନାରୀନେତ୍ରୀ ରେହେନା ବିବି, ଜ୍ୟୋସ୍ନାରାଣୀ ଯେନା, ଜିଲ୍ଲାକଂଗ୍ରେସ ନେତା ପିତଦାସ ଧଳ, ଅସରଫ ଅଲ୍ଲି ଖାଁ, ରବିନାରାୟଣ ମହାନ୍ତି, ଅକ୍ଷୟ ତ୍ରିପାଠୀ, କାର୍ତ୍ତୀକ ଯେନା, ରାଜନ ଲାହା, କାଉନସିଲର ତନୱୀର ଖାଁ, ଏନାମୁଲ ହକ୍, ଦଳିତ ସେଲ-କାର୍ଯ୍ୟକାରୀ ସଭାପତି ରଂଜନ ଯେନା, ଯୁବନେତା-ହେମନ୍ତ ମହାପାତ୍ର, ଟିନି ଅଲ୍ଲି ଖାଁ, ଜଗତ୍ ଜୀବନ ସାହୁ, ରବିନ୍ଦ୍ର ରାଏ, ନିଶିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ ।

# କେରେଡି ପଞ୍ଚାୟତର ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଫୁଲବାଣୀ,(ପିଏନ):କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ କେରେଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତାହାର ବାର୍ଷିକ ଉତ୍ସବକୁ ଖୁବ ଜାକଯମକ ରେ ବିଦ୍ୟାଳୟର ପ୍ରାଙ୍ଗଣ ମଧ୍ୟରେ ପାଳିତ ହୋଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ତାରା ପ୍ରସାଦ୍ ମିଶ୍ର ଆୟୋଜିତ ସଭାରେ ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ବାର୍ଷିକ ବିବରଣୀ ସର୍ବସମ୍ମୁଖ ରେ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଅଙ୍ଗଦ୍ କହଁର କାର୍ଯ୍ୟକ୍ରମ ରେ ଯୋଗ ଦେଇ ନିଜ ବକ୍ତବ୍ୟ ରେ ଶିକ୍ଷା କ୍ଷେତ୍ରରେ ଥିବା ଅନୁଭୂତିକୁ ବଖାଣି ଅଗ୍ରସର ରହିବା ପାଇଁ ପ୍ରେରଣା ଦେଇଥିଲେ ଏବଂ ଛାତ୍ରଛାତ୍ରୀ ମାନଙ୍କୁ" ପରିଶ୍ରମ ହିଁ ସଫଳତାର ଏକମାତ୍ର ଚାବିକାଠି" ଏହି ମନ୍ତ୍ର ଟି ଦେଇଥିଲେ । ମାନ୍ୟବର ବିଧାୟକ ବିଦ୍ୟାଳୟରେ ଥିବା ସମସ୍ୟା କୁ ଦୂର କରିବା ପାଇଁ ତାଙ୍କ ପାଣ୍ଠିରୁ ଆର୍ଥିକ ସହାୟତା କରିବା ପାଇଁ ପ୍ରତିଶୃତି ଦେଇଥିଲେ । ମୁଖ୍ୟବକ୍ତା ଭାବରେ



ଫୁଲବାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧାପିକା ଜ୍ୟୋତିର୍ମୟୀ କହଁର ଯୋଗଦେଇ ତାଙ୍କର ଓଜସ୍ୱିନୀ ଭାଷଣ ଜରିଆରେ ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କୁ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନତା କରିଥିଲେ । ଛାତ୍ରଛାତ୍ରୀଙ୍କ ବିକାଶରେ ଅଭିଭାବକ , ଶିକ୍ଷକ – ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କର ଭାଗିଦାରିତା ରହିଛି ବ ?ଲି ଗୁରୁତ୍ୱ ଆରୋପ କରିଥିଲେ । ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବିନିତା ପ୍ରଧାନ , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରଜ ଦିଗାଲ ଏବଂ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଶ୍ରୀଯୁକ୍ତ ପ୍ରବୀଣ କୁମାର ସାହୁ ସଦାସର୍ବଦା ବିଦ୍ୟାଳୟ ର ଉର୍ଣ୍ଣତୀ ଦିଗରେ ଆଲୋକ ପାତ କରିଥିବା କହିଛନ୍ତି । ସରପଞ୍ଚ ଶ୍ରୀମତୀ ବିନିତା ପ୍ରଧାନ ବିଦ୍ୟାଳୟରେ ଥିବା ସମସ୍ତ ଛୋଟବଡ ସମସ୍ୟା କୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରଜ ଦିଗାଲ ବିଦ୍ୟାଳୟରେ ଥିବା ସମସ୍ତ ଅସୁବିଧାର ସ୍ଥାୟୀ ସମାଧାନ ପାଇଁ ଦାବି ଉପସ୍ଥାପାନା କରିଥିଲେ । ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପ୍ରବୀଣ କୁମାର ସାହୁ ବିଦ୍ୟାଳୟ ବିକାଶରେ ଜଡିତ ରହିବା ପାଇଁ ସହମତି ପ୍ରକାଶ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଖାଦ୍ୟପେୟ ର ବନ୍‌ଦୋବସ୍ତ ଭଳି ବିଭିନ୍ନ ଦାୟିତ୍ୱ ଅନୁଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ରିତାରଣୀ କହଁର ସୁଚାରୁରୂପେ ପରିଚାଳନା କରିଥିଲେ ।ମଞ୍ଚ ସଜ୍ଜା ଦାୟିତ୍ୱ ରେ ଶିକ୍ଷୟତ୍ରୀ ବିସ୍ମିତା ପ୍ରଧାନ ସୁନ୍ଦର ରୁପେ କରିଥିବାବେଳ ଅନ୍ୟତମ ଶିକ୍ଷକ ଶରତ କୁମାର ସାହୁ, ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତି ଆଚାରୀ ସହଯୋଗ କରିଥିଲେ । ମଞ୍ଚ ପରିଚାଳନାରେ ସଂସ୍କୃତ ଶିକ୍ଷକ ଶ୍ରୀ ପ୍ରତାପ କୁମାର ପଣ୍ଡା, ପୁରସ୍କାର ବିତରଣରେ ଶିକ୍ଷୟତ୍ରୀ ଶ୍ରୀମତୀ ମିତାଞ୍ଜଳି ପ୍ରଧାନ ଏବଂ ସୁଶ୍ରୀ ଅରୁନ୍ଧତୀ ଦିଗାଲ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶ୍ରୀମତୀ ବିଷ୍ଣୁପ୍ରିୟା ମହାନ୍ତି ସହଯୋଗ କରିଥିଲେ । ଶିକ୍ଷକ କୃପାନିଧି ପ୍ରଧାନ ଶୃଙ୍ଖଳା ଦାୟିତ୍ୱ କୁ ସୁଚାରୁରୂପେ ତୁଲାଇଥିଲେ । ଶିକ୍ଷକ ଅମିତ୍ କୁମାର ତ୍ରିପାଠୀ ଓ ଶିବ ପ୍ରସାଦ୍ ଦାସ ସମସ୍ତ ଅତିଥିଙ୍କ ଅଭର୍ଥନା ଦାୟିତ୍ୱ ତୁଲାଇଥିଲେ । ଅର୍ଣ୍ଣପୁର୍ଣ୍ଣ । ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ମାନେ କାର୍ଯ୍ୟକ୍ରମ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଶ୍ରୀମତୀ କାଞ୍ଚନବାଳା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ବିପୁଳ ଗ୍ରାମବାସୀ , କମିଟିର ସମସ୍ତ ସଦସ୍ୟ ଏବଂ ଅଭିଭାବକଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ତାରା ପ୍ରସାଦ୍ ମିଶ୍ର ବାର୍ଷିକ ଉତ୍ସବକୁ ଶେଷ କରିଥିଲେ ।

# ମଞ୍ଜୁରୀରୋଡ ବିନ୍ଧାଧରସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ, ସେମିରେ ବାସୁଦେବପୁର ଉତ୍କଳିକା

ଭଦ୍ରକ, (ପିଏନ)- ମଞ୍ଜୁରୀରୋଡ ଡାକ୍ତରଖାନା ପଡିଆରେ ୨୯ତମ ବିନ୍ଧାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ବାସୁଦେବପୁର ଉତ୍କଳିକା ଓ କଟକ ଆରସିସି ୟଙ୍ଗଷ୍ଟାର ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଉତ୍କଳିକା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନ ସ୍କୋର କରିଥିଲା । ବ୍ୟାଟ୍ସମ୍ୟାନ ଦିବ୍ୟଜ୍ୟୋତି ପଣ୍ଡା ୨୨ ବଲ ରେ ୩୨ ରନ ଓ ମାନସ ମୁଦୁଲି ୧୯ ବଲ ରୁ ୨୬ ରନ ସ୍କୋର କରିଥିଲେ । ବିପକ୍ଷ ଦଳର ବୋଲର ରଇତ ଦେବ ୪ ଓଭର ବୋଲିଂ କରି ୨୫ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ୟଙ୍ଗଷ୍ଟାର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୨୬ ସ୍କୋର କରି ପରାଜିତ ହୋଇଥିଲା । ବ୍ୟାଟ୍ସମ୍ୟାନ ରଇତ ଦେବ ୧୭ ବଲ ରୁ ୨୭ରନ ଓ ସୁଭ୍ରାଂଶୁ ସାମଲ ୩୧ ବଲ ରୁ ୨୬ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଉଦୟ ଜତ୍ତା ୪ ଓଭର ବୋଲିଂ କରି ୨୩ ରନ ଦେଇ ୪ ଉଇକେଟ ଓ ଉପେନ୍ଦ୍ର ନାୟକ ୪ ଓଭର ବୋଲିଂ କରି ୨୫ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ । ଉଦୟ ଜତ୍ତା ମ୍ୟାନ ଅଫ ଦି ମ୍ୟାଚ ବିଜେତା ହୋଇଥିଲେ । ବିଜୟ ଶତପଥି ମ୍ୟାଚ ରେଫରୀ ଦାଇତ୍ୱ, ଶରତ ଚନ୍ଦ୍ର ଜେନା ଓ ସଞ୍ଜୟ ଶତପଥି ଅମ୍ପାୟାର ଦାଇତ୍ୱ ତୁଲାଇଥିଲେ । ସେହିପରି ଶ୍ରୀକାନ୍ତ ଖଣ୍ଡାଇ, ନରେନ୍ଦ୍ର ଜେନା ଓ ପ୍ରତ୍ୟୁଷ ଭାଷ୍ୟକାର ଓ ଏବଂ ଅଜୟ କୁମାର ବାରିକ ଓ ତନୁଜ କୁମାର ବେହେରା ସ୍କୋରର ଦାଇତ୍ୱ ତୁଲାଇଥିଲେ । ବୁଧବାର ଭଦ୍ରକ ୟୁନିକ ଏକାଦଶ ଓ କେନ୍ଦ୍ରପଡା ବାଲାବାବା ମଧ୍ୟରେ ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।






ଭାରତ-ତୀବନ୍ଧୀୟ ସୀମାରେ ଥିବା ୧୨ତମ ବାଟାଲିୟନ ପରିଦର୍ଶନ କରୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ

# ଗାନ୍ଧିଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଶାଖାର ବଳିଦାନ ଦିବସ ପାଳିତ

**ଭଦ୍ରକ,(ପିଏନ)-** 'ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ଭାରତ' - ଏହି କଥାବସ୍ତୁକୁ ଆଧାର କରି ଗାନ୍ଧିଶାନ୍ତି ପ୍ରତିଷ୍ଠାନର ଭଦ୍ରକ ଶାଖା ମହାତ୍ମାଙ୍କ ମହାପ୍ରୟାଣର ୭୫ତମ ବର୍ଷକୁ ବଳିଦାନ ଦିବସ ରୂପେ ପାଳନ କରିଥିଲା । ଅପରାହ୍ନରେ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର୍ ଡ. ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗାନ୍ଧି ଦର୍ଶନକୁ ପ୍ରତ୍ୟେକ ମଣିଷ ନିଜ ବ୍ୟକ୍ତିଗତ ଜୀବନରେ ଅନୁସରଣ କଲେ ସାମାଜିକ ଅବକ୍ଷୟ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ କଥାକାର ଡ. ବାସନ୍ତୀ ମହାନ୍ତି ଗାନ୍ଧିଙ୍କ ଜୀବନ କାହାଣୀରୁ ଅନେକ ତଥ୍ୟ ଉଦ୍ଧାର କରି ଏକ ସାରଗର୍ଭକ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମସମ୍ପାଦକ ପ୍ରଫେସର୍ ନାସିର୍ ବକ୍ସ, ଗାନ୍ଧିବିଚାରମଞ୍ଚ ସଭାପତି ଶାନ୍ତନୁ ରାଉତ, ତ୍ୟାଗଭୂମି ସମ୍ପାଦକ ଅଜୟ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପ୍ରତିଷ୍ଠାନର ସଭାପତି ଇଂ ଅଖିଳ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଆଇନଜୀବୀ ପବନ ଶର୍ମା ବିବରଣୀ ଉପସ୍ଥାପନ ସହ ବଳିଦାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତିଷ୍ଠାନର ଉପସଭାପତି ପ୍ରଫେସର୍ ଝରଣା ପଟ୍ଟନାୟକ ଅତିଥିମାନଙ୍କୁ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଜଣାଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ବର୍ଷିୟାନ୍ ଗାନ୍ଧିବାଦୀ ଏସ୍.ଏମ୍.ଫାରୁକ୍ । ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସୁରଜିତା ନାୟକ । ଉତ୍ସବ ଆରମ୍ଭରେ ମହାତ୍ମାଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ...' ସଂଗୀତର ଏକ ଭିଡ଼ିଓ ପ୍ରଦର୍ଶନ କରାଯାଇ ଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ଓ ପ୍ରତିକାତ୍ମକ ବୃକ୍ଷକୁଣ୍ଡରେ ଜଳ ଦାନ କରାଯାଇଥିଲା । ଏହି ଅବସରରେ ପ୍ରଫେସର୍ ଡ. ପ୍ରଭାତ ନଳିନୀ ମହାପାତ୍ର, ରବିନାରାୟଣ ପାଣିଗ୍ରାହୀ, ରିଆଜ୍ ଅହମ୍ମଦ, ଶେଖ୍ ଅନୱର ହୁସେନ୍ ପ୍ରମୁଖଙ୍କୁ ଉତ୍ତରୀୟ ସହ ଗାନ୍ଧିପ୍ରତିଷ୍ଠାନର ସଦସ୍ୟତା ପ୍ରଦାନ କରାଯାଇଥିଲା । ଗାନ୍ଧି ସଂଗୀତ ପରିବେଷଣ କରିଥିଲେ ସୁଶ୍ରୀ ପ୍ରଜ୍ଞାଶ୍ରୀ ଦାସ ଓ ଗାନ୍ଧିଙ୍କ ବାର୍ତ୍ତା ସମ୍ବଳିତ ଶାୟରୀ ପରିବେଷଣ କରିଥିଲେ ମୁସ୍ତାକ ଗୌହର୍, ଯାହା ଶ୍ରୋତାମାନଙ୍କୁ ବେଶ ଆମୋଦିତ କରିଥିଲା । ଏହି ଉତ୍ସବଟିକୁ ପରିଚାଳନା କରିଥିଲେ ଅଧ୍ୟାପକ ବିଜୟ କୁମାର ଜେନା ଓ ଆୟୋଜନରେ ଗାନ୍ଧିଶାନ୍ତି ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ଡ. ପ୍ରଭାସ ମହାନ୍ତି, ଲଲାଟେନ୍ଦୁ ମହାନ୍ତି, ସହସମ୍ପାଦକ ଲକ୍ଷ୍ମୀକାନ୍ତ ବାରିକ, କୋଷାଧ୍ୟକ୍ଷ ଅମରନାଥ ଲେଙ୍କା, ବିଦ୍ୟାଧର ବାରିକ, ସୀତାକାନ୍ତ ଦାସ, ଅରୁଣ ପଣ୍ଡା, ସଂଗ୍ରାମ ମହାନ୍ତି, ଅଜୟ କୁମାର ଧଳ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ରିଆଜ୍ ଅହମ୍ମଦ, ସିରାଜ୍ ଅଖତର୍ ପ୍ରମୁଖ ସହଯୋଗ କରିଥିଲେ । ପୂର୍ବାହ୍ନରେ ମହାତ୍ମାଗାନ୍ଧିଙ୍କ ପ୍ରଥମ ଭଦ୍ରକ ଆଗମନର ସ୍ମାରକୀ ବହନ କରୁଥିବା ଗାନ୍ଧିପଡ଼ିଆରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଓ ସେହିସ୍ଥାନରେ ପ୍ରତିଷ୍ଠିତ ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ଗାନ୍ଧିଶାନ୍ତି ପ୍ରତିଷ୍ଠାନର ସଦସ୍ୟମାନେ ସଭାପତି ଇ. ଅଖିଳ କୁମାର ପାଢ଼ି ଓ ସମ୍ପାଦକ ପବନ ଶର୍ମାଙ୍କ ନେତୃତ୍ୱରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ

**ସୁବର୍ଣ୍ଣପୁର,(ପିଏନ)-** ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ଗୋଟିଏ ବି ମାତୃମୃତ୍ୟୁକୁ ବରଦାସ୍ତ କରାଯିବ ନାହିଁ ବୋଲି ତାଗିଦ କରିବା ସହ ମାତୃମୃତ୍ୟୁକୁ ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା କରିବାକୁ ପରାମର୍ଶ ଦେଇଥିଲେ । ମାତୃମୃତ୍ୟୁ, ଶିଶୁ ମୃତ୍ୟୁ, ଟୀକାକରଣ, କୃମିନାଶନ ଦିବସ, ଅମ୍ଳାନ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଦି ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟରେ ସୁବର୍ଣ୍ଣପୁର ଜିଲ୍ଲାର ସ୍ଥିତି ପରଖିବା ସହ ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଆଣିବାକୁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ସିଡିଓ ତଥା ଇଓ ନିହାର ରଂଜନ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ସର୍ଭିଲେନସ୍ ମେଡିକାଲ ଅଫିସର ଡାକ୍ତର ଅମରେନ୍ଦ୍ର ସାହୁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଡିପିଏମ ବିଶ୍ୱମ୍ବର ବେହେରା, ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ, ବିପିଏମ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳକଗଣ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ବୃନ୍ଦ ବୈଠକରେ ଉପସ୍ଥିତ ଥିଲେ ।

# ସାମାଜିକ ପରିବର୍ତନ ପାଇଁ ମୂଳ ନିବାସୀ ୟୁନାଇଟେଡ୍ ଫୋରମ୍ ରାଜ୍ୟରେଏକ ନୂତନ ବିକଳ୍ପ"

**କୋରେଇ,(ପିଏନ)-** ଜିଲ୍ଲାସ୍ତରୀୟ ସମ୍ବିଧାନ ସଚେତନତା ସଭା ମୁଳନିବାସୀ ଇୟୁନାଇଟେଡ୍ ଫୋରମ୍ ତରଫରୁ ପାଣିକୋଇଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଦେଶର ମହାନ୍ କ୍ରାନ୍ତିକାରୀ ସମାଜ ସଂସ୍କାରକ ବାବାସାହେବ ଡ଼କ୍ଟର ବି.ଆର୍ ଆମ୍ବେଦକରଙ୍କ ଲିଖିତ ସମ୍ବିଧାନ ରେ ସାମାଜିକ ପରିବର୍ତନର ସମସ୍ତ ଦୀଗ ଉଲ୍ଲେଖିତ ଥିଲେ ମଧ୍ୟ କାର୍ଯ୍ୟକାରୀ କରିବାରେ ସରକାର ବିଫଳ ହୋଇଛନ୍ତି । ଯେଉଁଥିପାଇଁ ଦଳିତ ଆଦିବାସୀ ପଛୁଆବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟ ନିଜର ସାମ୍ବିଧାନିକ ମୌଳିକ ଅଧିକାର ଓ ସୁରକ୍ଷା କ୍ଷୁର୍ଣ୍ଣ ହୋଇ ଚାଲିଛି । ତେଣୁ ତାଙ୍କ ଲକ୍ଷ,ବିଚାର ଓ ଆଦର୍ଶ ସହ ବୌଦ୍ଧିକ ବିଚାର ନେଇ ସମସ୍ତ ସଂଗଠନ କାର୍ଯ୍ୟକର୍ତା ମାନଙ୍କୁ ଗ୍ରାମାଂଚଳରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଏକତ୍ରିତ କରି ସମ୍ମିଳୀତ କରି ସଂଗ୍ରାମ କରିବାକୁ ଏହି ଫୋରମ୍ ଲକ୍ଷ ରଖିଛି ବୋଲି ମୁଖ୍ୟ ଅତିଥି ଫୋରମ୍‌ର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ ମତ ଦେଇଥିଲେ । ରାଜ୍ୟର ସମସ୍ତ ଜନସାଧାରଣ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ସରକାର ଜାତିପ୍ରଥା ବିଲୋପ ଉପରେ ଗୁରୁତ୍ୱ ଦେଉନାହାନ୍ତି, ଅନ୍ୟ ପଟେ ବେଳେ ଓବିସି ଏସି/ଏସ୍‌ଟି ମାନେ ନିଜ ଭିତରେ ଥିବା ଜାତିବାଦ୍‌କୁ ପ୍ରଥମେ ତ୍ୟାଗ କରି ମନୁବାଦୀ ବ୍ୟବସ୍ଥାରୁ ମୁକ୍ତି ପାଇଁ ରାଜ୍ୟ ବ୍ୟାପି ଆନ୍ଦୋଳନ ଓ ପ୍ରଶିକ୍ଷଣ କରି ସଚେତନତା ଜରିଆରେ ସାମାଜିକ ପରିବର୍ତନ ପାଇଁ ୟୁନାଇଟେଡ୍ ଫୋରମ୍ ରାଜ୍ୟରେ ଏକ ନୁଆ ବିକଳ୍ପ ଭାବେ କାର୍ଯ୍ୟ କରି ମୂଳନିବାସୀଙ୍କର ବିଶ୍ୱାସଭାଜନ ହେବ । ସେହିପରି ଜାତି ପ୍ରଥାର ବିଲୋପ ପାଇଁ ଶାସନରେ ଥିବା ବ୍ୟକ୍ତିମାନଙ୍କ ପାଖରେ କ୍ଷମତା ଥିଲେ ମଧ୍ୟ ତାହା କରୁନଥିବାରୁ ଏବେ ନିଜର ସ୍ୱାଭିମାନ ଓ ସୁରକ୍ଷା ପାଇଁ ଏହି ବର୍ଗ ଏବେ ବିକଳ୍ପ ଭାବେ ଫୋରମ କୁ ଗ୍ରହଣ କରିବେ ବୋଲି ମତ ପ୍ରକାଶ ପାଇଥିଲା । ସମ୍ମାନୀତ ଅତିଥି ଭାବେ କୋରାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧରଣୀଧର ଘଡ଼ାଇ ଜିଲ୍ଲାରେ ଦଳିତ ଆଦିବାସୀ ମାନଙ୍କ ପାଇଁ ଆସୁଥିବା ବାସଗୃହକୁ ଓ ସରକାରୀ ଯୋଜନା ଚଂଚକତା କରାଯାଇ ଦୁର୍ନୀତି କିପରି ରୋକା ଯାଇପାରିବ ସମସ୍ତେ ଏକତ୍ର ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକାରୀ ସଭାପତି ମନୋରଂଜନ ଜେନା, ନିହାର ରଂଜନ ସାମଲ, ଦାଣ୍ଡିମାଳ ସେବକ ସଂଘର ସଭାପତି ସୁରେଶ ନାୟକ, ସାମାଜିକ ନ୍ୟାୟ ଅଭିଯାନ ରାଜ୍ୟ ସଂଯୋଜକ ଉମାକାନ୍ତ ମଲିକ, ଦୁଶାସନ ଜେନା ,କାଳନ୍ଦୀ ମଲିକ, କୋରାଇ ବ୍ଲକ ସଭାପତି ସହଦେବ ଜେନା, ଶ୍ରୀଧର ଜେନା, ଆର୍ତତ୍ରାଣ ମଲ୍ଲିକ, ଜିତୁ ସେଠୀ, ବାପି ଜେନା, ବୈରାଗୀ ମଲିକ, ବିକାଶ ମଲିକ ପ୍ରମୁଖ ବକ୍ତବ୍ୟ ରଖି ନୁଆ ଜାଗରଣ ପାଇଁ ମିଳିତ ମଂଚରେ ସମସ୍ତ ସଂଗଠନ ଯୋଗୁ ଦେବାକୁ ଆହ୍ୱାନ ଦେଇଥିଲେ ।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳ ମାର୍ଗ ନୀରିକ୍ଷଣ



**ଭୁବନେଶ୍ୱର,(ପିଏନ)-** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଆଜି ଅନ୍ୟ ବରିଷ୍ଠ ରେଳ ଅଧିକାରୀମାନଙ୍କ ସହିତ ପାରାଦୀପ ଗସ୍ତରେ ଯାଇ କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳ ମାର୍ଗ ନୀରିକ୍ଷଣ କରିବା ସମୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିଥିବାବେଳେ ଟ୍ରାଫିକ ସୁବିଧା ତଥା ବିନା କୌଣସି ପ୍ରତିବନ୍ଧକରେ ଟ୍ରେନ ଚ଼ଳାଚ଼ଳ ଏବଂ ରେଳବାଇର ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ସମ୍ବନ୍ଧରେ ଆଲୋଚ଼ନା କରିଥିଲେ ।

ଶ୍ରୀ ଶର୍ମା ମଧ୍ୟ ପାରାଦୀପ ଅଞ୍ଚଳରେ ରେଳବାଇର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ଓ ନୀରିକ୍ଷଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ରିଙ୍କେଶ ରାୟଙ୍କ ସହିତ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ଶର୍ମା ପଣ୍ୟ ବୋଝେଇ ଓ ପଣ୍ୟ ବୋଝ ଉତାରିବା (ଅନଲୋଡ଼ିଂ) ପାଇଁ ଉଦ୍ଦିଷ୍ଟ ବିଭିନ୍ନ ରେଳ ସାଇଡିଙ୍ଗ ପରିଦର୍ଶନ କରିଥିଲେ । ଦେଶର ରାଜସ୍ୱ ବୃଦ୍ଧି ପାଇଁ ପାରାଦୀପ ପୋର୍ଟ ପ୍ରାଧିକରଣ ଏବଂ ଅନ୍ୟାନ୍ୟ ଷ୍ଟେକ୍ ହୋଲ୍ଡର ଓ ଉଦ୍‌ଯୋଗ ଗୁଡିକ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ଶ୍ରୀ ଶର୍ମା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯାହା ସିଧାସଳଖ ଦେଶ ପାଇଁ ଲାଭଦାୟକ ହେବ ।

# କେନ୍ଦୁଝର : ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ



**କେନ୍ଦୁଝର,(ପିଏନ)-** ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସାମାଜିକ ଚେତନାର ବାର୍ତାବହ । ଚଳିତ ଫେବୃଆରୀ ୦୧ ତାରିଖ ବୁଧୁବାର ଦିନ ଜିଲ୍ଲା ସଂସ୍କୃତି ଭବନ ଅଡିଟରିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କର ବାର୍ଷିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତାମାନେ ନିଜକୁ ଜଣେ ଜଣେ ସାମାଜିକ ଯୋଦ୍ଧା ଭାବି ସମାଜର ବହୁମୂଲ୍ୟ ସେବା କରିବାକୁ ଆହ୍ୱାନ ଜଣାଇଛନ୍ତି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଉଦ୍‌ବୋଧନ ଛଳରେ କହିଥିଲେ ଯେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତାମାନଙ୍କର ସେବା ଓ ତ୍ୟାଗର ପଟ୍ଟାନ୍ତର ନାହିଁ । ଗାଁ ହେଉ କି ସହର ହେଉ ସେମାନଙ୍କର ସେବା ପାଇଁ ଅନେକ ଜୀବନ ରକ୍ଷା ହୋଇପାରୁଛି । ଏଣୁ ସେମାନଙ୍କୁ କୃତଜ୍ଞତା ଜଣାଇ ସେମାନେ ନିଜ କର୍ମ କ୍ଷେତ୍ରରେ ଅଧିକ କ୍ରିୟାଶୀଳ ହୋଇ ନିଜର ଗାରିମା ବୃଦ୍ଧି କରିବାକୁ ଆହ୍ୱାନ ଜଣାଇଥିଲେ । ଏତଦ୍‌ବ୍ୟତୀତ ସେମାନେ ନିଜର ସେବାମୂଳକ କାମ ପାଇଁ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି ବୋଲି କହିବା ସହିତ ସେମାନେ ଗାଁର ଆଦର୍ଶ ବୋଲି ମତବ୍ୟକ୍ତ କରିଥିଲେ । ଏହି ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଡି.ଏଫ୍.ଓ. କେନ୍ଦୁଝର ଧନରାଜ ଏଚ୍.ଡି ନିଜ ବକ୍ତବ୍ୟରେ କହିଥିଲେ ଯେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତାମାନେ ତୃଣମୂଳସ୍ତରରେ ସରକାରଙ୍କର ଆଖି କାନ ସଦୃଶ । ସେମାନେ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଘରେ ଘରେ ପହଂଚାଉଛନ୍ତି । ସାଧାରଣ ଲୋକମାନଙ୍କ ପାଇଁ ସେମାନେ ଆଶା ଭରଷାର ବତୀଘର ବୋଲି କହିବା ସହିତ ସେମାନଙ୍କର କାର୍ଯ୍ୟ ପରିସରକୁ ଅଧିକ ସଂପ୍ରସାରିତ କରି ଜନସାଧାରଣଙ୍କୁ ମହନୀୟ ସେବା ଯୋଗାଇଦେବାରେ ନିୟୋଜିତ ରଖିବାକୁ ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି ନିଜ ବକ୍ତବ୍ୟରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତମାନଙ୍କର ଉଲ୍ଲେଖନୀୟ ସେବା ନିମନ୍ତେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମକୁ ରୂପାୟନ କରିବାରେ ସେମାନଙ୍କର ଯୋଗଦାନର ଭୂୟସୀ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ମହନୀୟ ସେବା ଓ ତ୍ୟାଗକୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ବୋଲି ଡାଃ ପୃଷ୍ଟି କହିଥିଲେ । କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟ, ଡିପିଏଚ୍‌ଓ ଡାଃ ଲଲାଟେନ୍ଦୁ ନାୟକ, ଏଡିପିଏଚଓ (ଭିବିଡି) ଡାଃ ଦେବେନ ଦାସ, ଏଡିପିଏଚଓ(ଏଫ୍.ଡବ୍ଲ୍ୟୁ.) ଡାଃ ପ୍ରଣତିନୀ ନାୟକ, ଏଡିପିଏଚଓ(ଲେପ୍ରୋସି) ଡାଃ ସୁତକିର୍ତୀ ମହାନ୍ତି, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୁଣାକର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦେବାଙ୍ଗନା ବାରିକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟରେ କହିଥିଲେ ଯେ ଆଶାମାନଙ୍କର କାର୍ଯ୍ୟ ଆଶା କିଟ୍ ଭିତରେ ସୀମିତ ହୋଇ ରହିନାହିଁ । ଜନ ଆରୋଗ୍ୟ ସମିତି, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର କାର୍ଯ୍ୟପରିସର ବ୍ୟାପକ ହୋଇଛି । ସେମାନେ ନିଷ୍ଠା ଓ ଅଙ୍ଗୀକାର ସହ କାର୍ଯ୍ୟ କଲେ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଭୂତ ଉନ୍ନତି ହୋଇପାରିବ, ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ଏବଂ ଲୋକଙ୍କ ମୁହଁରେ ସହ ଫୁଟିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ଜନସଚେତନତା ସୃଷ୍ଟି ପାଇଁ ସେମାନେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଜଣାଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ କେନ୍ଦୁଝରର ଆସିଷ୍ଟାଂଟ୍ ମ୍ୟାନେଜର କମ୍ୟୁନିଟି ପ୍ରସେସ୍ ପ୍ରସନ୍ନ କୁମାର ଦେବତା ବାର୍ଷିକ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏ.ପି.ଏମ୍. ସନ୍ଦିପ୍ ବରଣ ଓଝା ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟାବଳୀ ସଂପର୍କରେ ଆଲୋକପାତ କରିଥିଲେ । ଡିପିଏମ ନିତ୍ୟରଞ୍ଜନ ବରାଳ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହ ସମାରୋହର ସଂଚାଳନା କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା "ଆମ କଥା ପଦଟିଏ" ଉନ୍ମୋଚିତ ହୋଇଥିଲା । ଉକ୍ତ ବାର୍ଷିକ ସମ୍ମିଳନୀରେ ଆଶାକର୍ମୀମାନେ ନିଜ ନିଜ ଅଭିଜ୍ଞତା ବାଂଟି ଥିଲେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତା ପ୍ରଚାର କରିବାର ନମୁନା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସମାଜର ବହୁମୂଲ୍ୟ ସେବା କରିଥିବା ୦୭ ଜଣ ଆଦର୍ଶ ଆଶାକର୍ମୀ, ୧୩ ଗୋଟି ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି, ୦୯ଟି ମହିଳା ଆରୋଗ୍ୟ ସମିତି, ଏମ୍.ଆଇ.ଏସ୍. କ୍ୟାମ୍ପେନ୍ ପାଇଁ ୦୩ଟି ସବ୍-ସେଂଟର ଓ ୦୩ଟି ବ୍ଲକ୍ ଟିମ୍, ଏ.ଏନ୍.ଏମ୍. ବୋର୍ଡ ପରୀକ୍ଷାରେ ରାଜ୍ୟରେ ଟପର ହୋଇଥିବା ମେଘନା ସାହୁଙ୍କୁ ପରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତା, ବିଭିନ୍ନ ସି.ଏଚ୍.ସି.ର ଏସ୍.ଏ., ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର, ବ୍ଲକ୍ ଆକାଉଂଟ୍ ମ୍ୟାନେଜର, ବି.ଡି.ଏମ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆକାଉଂଟ୍ ମ୍ୟାନେଜର ମନୋଜ କୁମାର ରାଉତ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଡିଏମଆରସିଏଚ୍ ସବିତା କୁମାରୀ ପଣ୍ଡା, ଡି.ଡି.ଏମ୍. ନିହାର ରଞ୍ଜନ ପଟ୍ଟନାୟକ, ଏଲ୍.ଏସ୍. ସୂର୍ଯ୍ୟ ପ୍ରକାଶ ପଣ୍ଡା, ଆର୍.ବି.ଏସ୍.କେ.ର ଆସିଷ୍ଟାଂଟ୍ ମ୍ୟାନେଜର ବିଜନ କୁମାର ସାହୁ, ଆଇସିଏ ଚିତରଞ୍ଜନ ଜେନାଙ୍କ ସମେତ ଡିପିଏମ୍‌ୟୁର ସମସ୍ତ କର୍ମଚାରୀ ସମ୍ମିଳନୀ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ସେବା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଦର୍ଶନୀ ମଣ୍ଡପ ମାନ ଖୋଲାଯାଇଥିଲା ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-252227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




## ନାଲକୋର ନୂତନ ନିର୍ଦ୍ଦେଶକ (ଉତ୍ପାଦନ)ଭାବେ ପଙ୍କଜ କୁମାର ଶର୍ମାଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର, (ପିଏନ):** ନବରତ୍ନ ଉଦ୍ୟୋଗ ନାଲକୋର ନୂତନ ନିର୍ଦ୍ଦେଶକ(ଉତ୍ପାଦନ) ଭାବେ ପଙ୍କଜ କୁମାର ଶର୍ମା,ଆଜିଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ଶର୍ମା ଏନ.ଏମ.ଡି.ସି ର ରାୟପୁରସ୍ଥିତ ବିଶ୍ୱ ଅନ୍ୱେଷଣ କେନ୍ଦ୍ର ଠାରେ ମୁଖ୍ୟ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଏହା ସହିତ ସେ ଏନ.ଏମ.ଡି.ସି ଓ ସି.ଏମ.ଡି.ସି ର ମିଳିତ ଉଦ୍ୟୋଗ ତଥା ବସ୍ତର ରେଲୱେ ପ୍ରାଇଭେଟ ଲିମିଟେଡ଼ର ସି.ଇ.ଓ ରୂପେ ମଧ୍ୟ ଦାଇତ୍ୱ ତୁଲାଇ ଆସୁଥିଲେ। ବି.ଏଚ୍.ୟୁ-ଆଇ.ଆଇ.ଟି ରୁ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶ୍ରୀ ଶର୍ମା ୧୯୯୨ ରେ ଏନ.ଏମ.ଡି.ସି ଠାରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷାର୍ଥୀ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଓପନ କାଷ୍ଟ ମାଇନିଂ ଇଣ୍ଡଷ୍ଟ୍ରିର ବିଭିନ୍ନ ଦିଗରେ କାର୍ଯ୍ୟ କରିବାରେ ତାଙ୍କର ଦକ୍ଷତା ଓ ଅଭିଜ୍ଞତା ରହିଛି। ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ନ ବ ର ନ ସି.ପି.ଏସ.ଇ,ଏନ.ଏମ.ଡି.ସି ରେ ସେ ତିନି ଦଶନ୍ଧିରୁ ଅଧିକ ସମୟ କାର୍ଯ୍ୟ କରିବା ସହିତ ବିଭିନ୍ନ ପଦପଦବୀ ମାନଙ୍କରେ ଚ୍ୟାଲେଞ୍ଜିଂ କାର୍ଯ୍ୟଗୁଡିକ ସଫଳତାର ସହ ନିର୍ବାହ କରିଛନ୍ତି। ଶ୍ରୀ ଶର୍ମାଙ୍କୁ ନାଲକୋର ଅଧକ୍ଷ ତଥା ପରିଚ୍ଳାନା ନିର୍ଦ୍ଦେଶକ ଶ୍ରୀ ଶ୍ରୀଧର ପାତ୍ର ଅଭିନନ୍ଦନ ଜଣାଇବା ସହ ତାଙ୍କ ଯୋଗଦାନ ଦ୍ୱାରା ନାଲକୋ ବୋର୍ଡ ଆହୁରି ମଜବୁତ ହେବ ବୋଲି ଆଶା ପ୍ରକଟ କରିଛନ୍ତି।

## କରାଟେ ମୁଖ୍ୟ ପ୍ରଶିକ୍ଷକ ସଂଜୟ ଶାହା ଜାତୀୟ ଏ ଗ୍ରେଡ୍ ରେଫରୀ ହେଲେ

**ପାରାଦୀପ,(ପିଏନ)-** ଭୁବନେଶ୍ୱର ଠାରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ ପକ୍ଷରୁ ଅନୁଷ୍ଠିତ ପରୀକ୍ଷାରେ ପାରାଦୀପର ବରିଷ୍ଠ କରାଟେ ପ୍ରଶିକ୍ଷକ ସଂଜୟ ଶାହା ଜାତୀୟ ଏ ଗ୍ରେଡ୍ ରେଫରୀ ଭାବେ



ସଫଳତା ହାସଲ କରିଛନ୍ତି । ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲ ଠାରେ ଏକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଜଗତସିଂହପୁର ଜିଲ୍ଲାର ଏକମାତ୍ର କରାଟେ ପ୍ରଶିକ୍ଷକ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ଦୀର୍ଘ ୩୦ ବର୍ଷ ଧରି ନିଷ୍ଠାପର ଭାବେ ଶ୍ରୀ ଶାହା କରାଟେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଜାତୀୟ ତଥା ଆର୍ନ୍ତଜାତୀୟ ସ୍ତରରେ ସଂଜୟ ଶାହା କରାଟେ କ୍ଷେତ୍ରରେ ଜଣେ ପରିଚିତ ବ୍ୟକ୍ତିତ୍ୱ । ତାଙ୍କ ଠାରୁ ପ୍ରଶିକ୍ଷଣ ପାଇ ବହୁ ଛାତ୍ରଛାତ୍ର ରାଜ୍ୟ ପୋଲିସ୍,ରେଳବାଇ ଆଦିରେ ନିଯୁକ୍ତି ପାଇଛନ୍ତି। ଜାତୀୟ ଏ ଗ୍ରେଡ୍ କରାଟେ ରେଫରୀର ସଫଳତା ପରେ ଆଜିକେଏ, ଓଡିଶାର ପରିଚାଳନା ସମ୍ପାଦକ ସଂଜୟ କୁମାର ମିଶ୍ର,ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ,ରବିନ୍ଦ୍ର କୁମାର ଜେନା, ଜଗନ୍ନାଥ ଶତପଥି, ସୁଧାଂଶୁ ଶେଖର ନାୟକ,ଦୀପକ ଦାସ ପ୍ରମୂଖ ଶ୍ରୀ ଶାହାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କିଟ୍‌ରେ ଖୋଲିଲା ଟେନିସ୍ ଏକାଡେମୀ







**ଭୁବନେଶ୍ୱର,(ପିଏନ):** କିଟ୍ ବିଶ୍ୱବିଦ୍ୟାଳୟରେ ର୍ଜମାନୀର ପୂର୍ବତନ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ଖେଳାଳି ତଥା ଆଲେକ୍‌ଜାଣ୍ଡର ୱାସକେ ଟେନିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଆଲେକ୍‌ଜାଣ୍ଡାର ୱାସକେ ଏବଂ ଅହମ୍‌ଦାବାଦ୍‌ସ୍ଥିତ ଅଲ୍‌ଟେଭୋଲ୍ ଟେନିସ୍ ଏକାଡେମୀ ସହଯୋଗରେ କିଟ୍-ଆଲେକ୍‌ଜାଣ୍ଡର-ଟେନିସ୍ ଏକାଡେମୀ ବୁଧବାର ଉଦ୍‌ଘାଟିତ ହୋଇଛି। କିଟ୍ ଟେନିସ୍ ଗ୍ରାଉଣ୍ଡରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା, କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନସଚିବ ଭିନିଲ୍ କ୍ରିଷ୍ଣା, ଆଲେକ୍‌ଜାଣ୍ଡର ୱାସକେ, ଅଲ୍‌ଟେଭୋଲ୍ ଟେନିସ୍ ଏକାଡେମୀର ପ୍ରତିଷ୍ଠାତା ଚିରାଗ ପଟେଲ୍ ଏବଂ ଅଲ୍‌ଟେଭୋଲ୍ ଟେନିସ୍ ଏକାଡେମୀର ନିର୍ଦ୍ଦେଶକ ଶ୍ରୀମଲ୍ ଭଟ୍ଟଙ୍କ ଉପସ୍ଥିତିରେ ଏହି ଏକାଡେମୀର ଉଦ୍‌ଘାଟନ କରିଥିଲେ। ଏହି ଟେନିସ୍ ଏକାଡେମୀ ପ୍ରତିଷ୍ଠାରେ ସହଯୋଗ କରିଥିବାରୁ ଆଲେକ୍‌ଜାଣ୍ଡାର ୱାସକେ ଏବଂ ଅଲ୍‌ଟେଭୋଲ୍ ଟେନିସ୍ ଏକାଡେମୀର ପ୍ରତିଷ୍ଠାତାଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ।

ପରେ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ୱାସକେ କହିଲେ, ଓଡ଼ିଶା ସମେତ ଭାରତରେ ବହୁ ପ୍ରତିଭାବାନ୍ ଖେଳାଳି ଅଛନ୍ତି। ଏହି ଏକାଡେମୀ ଓଡ଼ିଶାରେ ଟେନିସ୍ ଖେଳର ପ୍ରସାର କ୍ଷେତ୍ରରେ ସହାୟକ ହେବା ସହ ଆଗାମୀ ଦିନର ଗ୍ରାଣ୍ଡ ସ୍ଲାମ୍ ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ। କିଟ୍ ଆଲେକଜାଣ୍ଡର ୱାସ୍କେ-ଆଲଟେଭୋଲ୍ ଟେନିସ୍ ଏକାଡେମୀ ସହ ମିଳିତ ଭାବେ ଏହି ଏକାଡେମୀରେ ଟେନିସ୍ ଖେଳ ପ୍ରତି ଆଗ୍ରହ ଥିବା ପିଲାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିରେ କିଟ୍ ଓ କିସ୍ ସମେତ ଅନ୍ୟ ପିଲାମାନେ ମଧ୍ୟ ଟେନିସ୍ ପ୍ରଶିକ୍ଷଣ ନିମନ୍ତେ ଆବେଦନ କରି ନାମ ଲୋଖାଇପାରିବେ ବୋଲି କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ସୂଚନା ଦେଇଥିଲେ। କିଟ୍‌ରେ ରାଜ୍ୟ ତଥା ଦେଶ ବିଦେଶର ପିଲାମାନେ ପଢୁଥିବାରୁ ସେମାନଙ୍କ ପାଇଁ ଏହି ଏକାଡେମୀ ବିଶେଷ ସହାୟକ ହେବ। ପ୍ରଥମ ପର୍ଯ୍ୟାୟରେ ଟେନିସ୍ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରର ଟେନିସ୍ ଖେଳାଳିଙ୍କ ପାଇଁ ତାଲିମ୍ ବ୍ୟବସ୍ଥା ରହିଥିବା ବେଳେ ତୃତୀୟ ପର୍ଯ୍ୟାୟରେ ଟେନିସ୍ ଖେଳାଳିଙ୍କୁ ହାଇ-ପରଫର୍ମାନ୍‌ସ ତାଲିମ୍ ପ୍ରଦାନ କରାଯାଇ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରାଯିବ। ଏଠାରେ ତାଲିମ ପାଇଁ ଅନ୍ତର୍ଜାତୀୟସ୍ତରର ୧୫ଜଣ କୋଚ ରହିବା ସହ ଫିଜିଓ ବ୍ୟବସ୍ଥା ରହିବ। ଏହା ବ୍ୟତୀତ ସମୟକୁ ସମୟ ୱାସକେ ମଧ୍ୟ ଓଡ଼ିଶା ଆସି ତାଲିମ ପ୍ରଦାନ କରିବା ସହ ଭର୍ଚୁଆଲ୍‌ରେ ତାଲିମ୍ ପ୍ରଦାନ କରିବେ। ଆଗାମୀ ଦିନରେ କିଟ୍ ଏବଂ କିସ୍‌ରୁ ଅନ୍ତର୍ଜାତୀୟ ଟେନିସ୍ ଖେଳାଳି ବାହାରିବେ ବୋଲି ଡ. ଦାଶ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲଟେଭୋଲ୍ ଟେନିସ୍ ଏକାଡେମୀ ପ୍ରତିଷ୍ଠାତା ଚିରାଗ୍ ପଟେଲ, ଆଲଟେଭୋଲ୍ ଟେନିସ୍ ଏକାଡେମୀ ନିର୍ଦ୍ଦେଶକ ଶ୍ରୀମୟ ଭଟ୍ଟ ଏବଂ ପ୍ରକାଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନୀ ଅବସରରେ କିଟ୍ ଟେନିସ୍ ଗ୍ରାଉଣ୍ଡରେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏବଂ ଉପସ୍ଥିତ ଅନ୍ୟାନ୍ୟ ଅତିଥିମାନେ ଟେନିସ୍ ଖେଳିଥିଲେ।

## ଚ଼ାଲାଣ ଗୁଡାରେ ମାଉଲୀ ମା' ଯାତ୍ରା ଉଦଯାପନ

**ମାଲକାନଗିରି,(ପିଏନ)-**ଚ଼ାଲାଣଗୁଡା ଠାରେ ଆଲୁରୁ ମୁଠା ମାଉଲୀ ମା'ଙ୍କ ଯାତ୍ରା ଆଜି ଉଦଯାପନ ହୋଇଯାଇଛି । ମାଘ ମାସ ଶୁକ୍ଳ ଦଶମୀ ତିଥି ସୋମବାର ସଂଧ୍ୟାରେ ମାଉଲୀ ମା'ଙ୍କୁ ନୂଆଗୁଡା ଠାରୁ ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ବିମାନରେ ବିଜେ କରାଯାଇ ଚ଼ାଲାଣଗୁଡା ଶକ୍ତି ପୀଠରେ ସ୍ଥାପନ କରିଥିଲେ ।ପାରମ୍ପାରିକ ଆଦିବାସୀ ବାଦ୍ୟ ,ଭେରୀ,ଘଣ୍ଟ ଘଣ୍ଟା ନାଦରେ ଗଗନ ପବନ ମୁଖରିତ ହୋଇଥିଲା । ଶିରୁଆମାନେ ହାତରେ ମୟୂର ପୁଛ ଧରି ମା'ଙ୍କ ସମ୍ମୁଖରେ କାଳସୀ ନୃତ୍ୟ ପରିବେଷଣ କରିଥିଲେ । ମଙ୍ଗଳ ବାର ଦିନ ମାନସୀକଧାରୀ ଶ୍ରଦ୍ଧାଳୁମାନେ ମାଉଲୀ ମା' ସମୀପରେ ଛାଗଳ ଓ କୁକୁଟ ଆଦି ପଶୁପକ୍ଷୀ ବଳୀ ଅର୍ପଣ କରିଥିଲେ । ଆଜି କିଛି କ୍ଷଣ ପାଇଁ ଶକ୍ତି ପୀଠ ସ୍ଥଳଟି ବଳୀ ପ୍ରଦାନ ଯୋଗୁଁ ରକ୍ତ ରଞ୍ଜିତ ହୋଇଥିଲା । ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା ।ଏହି ଯାତ୍ରା ଲାଗି ଆଲିରୁ ମୁଠାର ୪୦ ଖଣ୍ଡ ଗ୍ରାମରୁ ଲାଠି ଏବଂ ଗ୍ରାମଦେବୀଙ୍କ ମିଳନ ହୋଇଥିଲା । ମାରିଓ୍ୱାଡା ମୁଠାକୁ ଏହି ଯାତ୍ର ଲାଗି ସ୍ୱତନ୍ତ୍ର ନିମନ୍ତ୍ରିତ କରାଯାଇଥିଲା ।

ଏହି ଯାତ୍ର ଏକ ବର୍ଷ ବ୍ୟବଧାନରେ ଚ଼ାଲାଣଗୁଡା ଶକ୍ତି ପୀଠରେ ଆଦିବାସୀ ପୂଜକମାନଙ୍କ ଦ୍ୱାରା ପାଳନ କରାଯାଇଥାଏ । ମା'ଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଓଡିଶା, ଛତିଶ ଗଡ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟରୁ ବହୁ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା । ତିନି ଦିନ ବ୍ୟାପୀ ଚ଼ାଲିଥିବା ଯାତ୍ରା ସ୍ଥଳଟି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ପୀଠ ସ୍ଥଳର ଅନତି ଦୂରରେ ଉଠା ଦୋକାନ ବସାଯାଇଥିଲା।

ଏହି ଯାତ୍ରାକୁ ପରିଚ଼ାଳନା ଏବଂ ଶୃଂଖଳିତ କରିବା ପାଇଁ ଆଲୁରୁ ମୁଠା ମାଉଲୀ ମା' ପୂଜା କମିଟି ଗଠନ କରାଯାଇଥିଲା । ପୂଜା କମିଟିର ସଭାପତି ପ୍ରଦୀପ କୁମାର ଧାରୁଆ,ଉପ ସଭାପତି ଅରକ୍ଷିତ ନାୟକ, ସଂପାଦକ ଶ୍ୟାମ ପଡିଆମୀ, ବିଶ୍ୱନାଥ ଧାରୁଆ, ମୁନା ମାଡକାମୀ, ପଦିଆ କବାସୀ, ପେଦା ଦେବା ଧାରୁଆ,ପୂର୍ବତନ ସରପଞ୍ଚ ଇର୍ମା ପଡିଆମୀ, ଗଙ୍ଗାଧର ଧାରୁଆ,ଭୀମସେନ ପୂଜାରୀ,ଜଗା ସୋଡି,ବଳରାମ ଦୁରୁଆ, ପୁରୋହିତ ବୁଦ୍ରା ଦୁରୁଆ,ସନ୍ତୋଷ ଜେନା,ମିଟୁ ପଣ୍ଡା,ଭୀମଦୁରୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମାଉଲୀ ମା'ଯାତ୍ରା ଶାନ୍ତି ଶୃଙ୍ଖଳାରେ ପରିଚ଼ାଳନା ହୋଇଥିଲା ।

## ମେଡିକାଲ ବଞ୍ଚାଅ ଆନ୍ଦୋଳନ ସପ୍ତମ ଦିନରେ: ଜିଲ୍ଲା ପ୍ରଶାସନ ନିଘୋଡ ନିଦ୍ରାରେ ଶୋଇଛି

କେନ୍ଦ୍ରାପଡ଼ା,(ପିଏନ): କେନ୍ଦ୍ରାପଡା ମେଡିକାଲ ବଞ୍ଚଅ ଦାବିରେ ଗତ ୧୭ତାରିଖରେ କେନ୍ଦ୍ରାପଡା ସହର ବନ୍ଦ ଅର୍ଭୁତପୂର୍ବ ଭାବେ ସଫଳ ହେବା ପରେ ମିଳିତ କ୍ରୀୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ଗତ ୨୪ତାରିଖରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ଅନିର୍ଦ୍ଧିଷ୍ଟକାଳ ଗଣଧାରଣା ଆଜି ସପ୍ତମ ଦିନରେ ପହଞ୍ଚିଛି। ପ୍ରତିଦିନ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ସମେତ ବିଭିନ୍ନ ବର୍ଗର ବୁଦ୍ଧିଜିବୀ, ରାଜନୈତିକ ବ୍ୟକ୍ତି ବିଶେଷ ଏହି ଆନ୍ଦୋଳନରେ ସାମିଲ ହୋଇ ସମର୍ଥନ ଦେଉଛନ୍ତି। ଜିଲ୍ଲା ପ୍ରଶାସନର ସମସ୍ତ କଳନାକୁ ପଛରେ ପକାଇ ଏହି ଆନ୍ଦୋଳନ ଧିରେ ଧିରେ ବଳଶାଳୀ ହେଉଛି। ଆଜି ସପ୍ତମ ଦିନରେ ଗଣଧାରଣା କାଉନସିଲର ରଶ୍ମୀତା ସିଂ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଶିଷ୍ଟବକ୍ତାମାନେ ଯୋଗଦେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ସହରବାସୀଙ୍କ ଆବଶ୍ୟକତା ପ୍ରତି ହେୟଜ୍ଞାନକୁ ତୀବ୍ର ସମାଲୋଚନା କରିବା ସହିତ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ସମାଧାନର ପଥ ବାହାର କରିବାକୁ ଆହ୍ୱାନ ଦେଇଥିଲେ। ଆଜିର ଗଣଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଖଦିବୋର୍ଡର ପ୍ରାକ୍ତନ ଅଧକ୍ଷ ତେଜେଶ୍ୱର ପରିଡା, ସି.ପି.ଆଇ.(ଏମ) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବିଜେପି ଜିଲ୍ଲା ସଭାପତି କିଶୋର ପଣ୍ଡା, ସି.ପି.ଆଇ. ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆମ ଆଦମୀ ପାର୍ଟିର ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ଏସୟୁସିଆଇ ଜିଲ୍ଲା ସମ୍ପାଦିକା ଏଲିନା ସାମନ୍ତରାୟ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, କେନ୍ଦ୍ରାପଡା ଓକିଲ ସଙ୍ଘର ପୂର୍ବତନ ସଭାପତି ସରୋଜରାଜ ସିଂହ, କାଉନସିଲର ସେକ ଅସଲମ, ଜୟନ୍ତୀ ପାଣି, ପୂର୍ବତନ କାଉନସିଲର ହିବଜୁର ରହେମାନ, ସୌମେନ୍ଦ୍ର ପୃଷ୍ଟି, ପ୍ରଶାନ୍ତ କୁମାର ସିଂ, ବିଜେପି ନେତା ମହମ୍ମଦ ସଲିମ ଖାନ, ଶୋଭନ ଆଚାର୍ଯ୍ୟ, ସନ୍ତୋଷ କୁମାର ବେହେରା, ସେକ ହାପିଜୁଲ୍ଲା, ବିକ୍ରମାଦିତ୍ୟ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଶାସନ କୌଣସି ବ୍ୟବସ୍ଥା ନକଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

## ରାଜ୍ୟ ସୀମା ସୁରକ୍ଷା ପାଇଁ ବଜେଟରେ ବ୍ୟବସ୍ଥା ନାହିଁ

**ଭୁବନେଶ୍ୱର,(ପିଏନ)-** ଲୋକସଭାରେ ମାନ୍ୟବର କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ପୂର୍ବରୁ ଦେଇଥିବା ସୂଚନା ଅନୁସାରେ ହରିୟାଣା-ହିମାଚଳ ପ୍ରଦେଶ, ଲଦାଖ- ହିମାଚଳ ପ୍ରଦେଶ, ମହାରାଷ୍ଟ୍ର-କର୍ଣ୍ଣାଟକ, ଆସାମ-



ଅରୁଣାଚଳ ପ୍ରଦେଶ, ଆସାମ-ନାଗାଲାଣ୍ଡ, ଆସାମ-ମେଘାଳୟ, ଆସାମ-ମିଜୋରାମ ଓ ଓଡିଶା-ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମା ବିବାଦ ଅଛି। ସେହିପରି ଓଡିଶା-ପର୍ଶ୍ଚିମ ବଙ୍ଗ ଓ ଓଡିଶା-ଛତିଶଗଡ ମଧ୍ୟରେ ମଧ୍ୟ ସୀମା ସମସ୍ୟା ଅଛି। ଏହାର ସମାଧାନ ପାଇଁ କେନ୍ଦ୍ର ସରକାର "ସୀମା ସୁରକ୍ଷା ପରିଷଦ" ଗଠନ କରନ୍ତୁ ବୋଲି ଉତ୍କଳ ସମ୍ମିଳନୀ ବହୁବାର ଦାବି କରିଛି । ଆଜିର ବଜେଟରେ ରାଜ୍ୟ ସୀମା ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ ବୋଲି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଅଭିଯୋଗ କରିଛନ୍ତି ।

## ଅବସରପ୍ରାପ୍ତ ଷ୍ଟେଟବ୍ୟାଙ୍କ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, (ପିଏନ): କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଙ୍ଘର ସାଧାରଣ ପରିଷଦ ବୈଠକ ବଡବାରଙ୍ଗସ୍ଥିତ ସଙ୍ଘ କାର୍ଯ୍ୟାଳୟରେ ସଙ୍ଘର ଉପସଭାପତି ଦୁର୍ଯ୍ୟୋଧନ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ଅବସରପ୍ରାପ୍ତ ଉପପରିଚାଳକ ଗୋଲକ ବିହାରୀ ବେହେରା ଓ କାଇପଡା ଷ୍ଟେଟବ୍ୟାଙ୍କ ଅବସରପ୍ରାପ୍ତ ପରିଚାଳକ ଅଜୟ କୁମାର ନାୟକଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରାଯାଇ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଘର ସାଧାରଣ ସମ୍ପାଦକ ଗଣେଶ୍ୱର ମେକାପ ବିବରଣୀ ପ୍ରଦାନ କରିବା ସହ ପୁରାତନ ଚାକିରୀ ଜୀବନର ସ୍ମୃତିଚାରଣ କରିବା ସହିତ ଅବସର ପରେ ଆଧ୍ୟାତ୍ମିକ ଚିନ୍ତନ ଓ ଭଗବତ ଦର୍ଶନ ହିଁ କେବଳ ମାନସିକ ଶାନ୍ତି ଓ ଶାରିରୀକ ସୁସ୍ଥତା ଅନୁଭବ କରିବାର ଅନ୍ୟତମ ମାର୍ଗ ବୋଲି ବକ୍ତବ୍ୟ ରଖିଥିଲେ। ସଙ୍ଘର ବରିଷ୍ଠ ସଦସ୍ୟମାନେ ବନ୍ଧୁ ଦର୍ଶନ ଓ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ ଦ୍ୱାରା ବହୁ ମାନସିକ ଶାନ୍ତି ମିଳୁଥିବା ପ୍ରକାଶ କରିଥିଲେ। ଏହି ବୈଠକରେ ଉଦୟନାଥ ସାହୁ, ରାମଚନ୍ଦ୍ର ସେଠୀ, ପହଲାଦ ମହାରଣା, ଶରତ ମୁଦୁଲି, ନିରଞ୍ଜନ ମହାରଣା, ମହେନ୍ଦ୍ର ମିଶ୍ର, ପ୍ରମୋଦ ସାହାଣୀ, ସୌର ପ୍ରସାଦ ତ୍ରିପାଠୀ, ମାଧବାନନ୍ଦ ମହାପାତ୍ର, କ୍ଷୀରୋଦ ବେହେରା, ହରିପଦ ପଣ୍ଡା, ଭୀମସେନ ଦାସ, ଅତୁଲ ଚନ୍ଦ୍ର ଗିରି, ପ୍ରସନ୍ନ ସ୍ୱାଇଁ, କୁଞ୍ଜ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଙ୍ଘର କୋଷାଧକ୍ଷ ଗୌରାଙ୍ଗ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଇଲା ଚୋରି ମାମଲାରେ ୫ ଅଭିଯୁକ୍ତ ଲକ୍ ଥାନା ପୋଲିସ୍ ଦ୍ୱାରା ଗିରଫ

**ପାରାଦୀପ,(ପିଏନ)-** ପାରାଦୀପ ବନ୍ଦର ମଧ୍ୟରୁ କୋଇଲା ଚୋରି କରିବା କିଛି ନୂଆ କଥା ନୁହେଁ । ଏହି କୋଇଲା ଚୋରି ମାମଲାରେ ବହୁ ବଡବଡ ହସ୍ତିଙ୍କର ହାତ ରହିଥିବା ନେଇ ସବୁ ବେଳେ ଚର୍ଚ୍ଚା ହୋଇଥାଏ । ପୋଲିସ୍ ଟ୍ରକ୍ , ଟ୍ରକ୍ ର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲଣ କରୁଥିବା ବେଳେ ମୁଖ୍ୟ କାର୍ପଟଦାର ପାଖରେ ପୋଲିସ୍ ପହଂଚି ପାରୁ ନାହିଁ । ଗତ କିଛି ଦିନ ତଳେ ଏକ କୋଇଲା ଚୋରି ଘଟଣାରେ ପାରାଦୀପ ପୋଲିସ୍ ପାରାଦୀପର ଅନ୍ୟତମ ଷ୍ଟିଭେଡୋରିଙ୍ଗ ସଂସ୍ଥା ସ୍ୱସ୍ତିକ ଷ୍ଟିଭେଡୋର୍ସର ମୁଖ୍ୟ ହରିହର ମିଶ୍ରଙ୍କୁ ପାରାଦୀପ ଥାନାକୁ ଡକାଇ ପୋଲିସ୍ ଜେରା କରିଥିଲା । ଅତି ତରବରିଆ ଭାବେ ରାତି ସାଢେ ୯ଟା ସମୟରେ ପୋଲିସ୍ ପ୍ରେସ୍ ମିଟ୍ ଡାକି ହରିହର ମିଶ୍ରଙ୍କୁ ଜେରା ସମ୍ପର୍କରେ ସୂଚନା ଦେଇଥିଲା । ହେଲେ ଏହା ପରେ ଏହି ଘଟଣା କୁଆଡେ ଗଲା ଜଣା ପଡିଲା ନାହିଁ । ସେହିପରି ପାରାଦୀପ ବନ୍ଦର ମଧ୍ୟରୁ କୋଇଲା ଚୋରି ହୋଇ ଯାଉଥିବା ବେଳେ ପାରାଦୀପ ଠାରୁ ପ୍ରାୟ ଦଶ କିଲୋମିଟର ଦୂରରେ ଥିବା ପାରାଦୀପ ଲକ୍ ଥାନା ପୋଲିସ୍ ଜବତ କଲା ଟ୍ରକ୍ ଏଥି ସହିତ ଏହି କୋଇଲା ଚୋରି ମାମଲାରେ ସଂପୃକ୍ତ ଲୋଡର,ବାଇକ୍ ଏବଂ ୫ ଅଭିଯୁକ୍ତ । ଗିରଫ ହୋଇଥିବା ଅଭିଯୁକ୍ତମାନେ




ହେଲେ ଝାରସୁଗୁଡା ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ବିଟିଏମ୍ କଲୋନୀର ଜଗନ୍ନାଥ ପାତ୍ର(୩୪), କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ଶ୍ରୀନିବାସ ରାଉତ(୪୭), ଲକ୍ ଥାନା ଅନ୍ତର୍ଗତ ଭୂତ୍ମୁଣ୍ଡାଇ ଗ୍ରାମର ତନୁଜ ସ୍ୱାଇଁ (୩୫), ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ଶ୍ରୀନିବାସ ଓଝା (୩୦) ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ପାଇକାପୁର ଗ୍ରାମର ବୀରବର ସ୍ୱାଇଁ । ଏ ନେଇ ପାରାଦୀପ ଲକ୍ ଥାନା ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସବୁଠୁ ରୋଚକ କଥା ହେଲା ଯେଉଁ ଗାଡି ଗୁଡିକ ପୋଲିସ୍ ଜବତ କରିଛି ତାର ରେଜିଷ୍ଟ୍ରେସନ୍ ନମ୍ବର କୁ ଦେଖିଲେ ଅନେକ ଅକୁହା କଥା ସାମ୍ନାକୁ ଆସୁଛି । ପୋଲିସ୍ ଏଦିଗରେ ଆଗେଇଲେ କୋଇଲା ଚୋରି ଘଟଣାର ମୁଖ୍ୟ କାର୍ପଟଦାର ପାଖରେ ପହଂଚି ପାରିବା ନେଇ ଆଲୋଚନା ହେଉଛି । ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ଘଟଣା ପଛରେ ଆଉ କିଏ କିଏ ଅଛନ୍ତି ସେ ନେଇ ଲକ୍ ଥାନା ପୋଲିସ୍ ଅନୁସନ୍ଧାନ ଜାରୀ ରଖିଛି । ଆଲୁ ଖୋଳୁ ଖୋଳୁ ମହାଦେବ ବାହାରିବ ନା କୋଇଲା ଚୋରି ମାମଲା ଫୁସୁରି ଯିବ ସେ ନେଇ ସାଧାରଣରେ ଉତ୍ସୁକତା ଦେଖା ଦେଇଛି ।



୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ
ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯ୍ୟବେକ୍ଷକ
Bhubaneswar Thursday February 02, 2023 ଭୁବନେଶ୍ୱର ଗୁରୁବାର, ଫେବୃଆରୀ ୦୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


ଦୈନିକ ପର୍ଯ୍ୟବେକ୍ଷକର ରଜତଜୟନ୍ତୀରେ ପର୍ଯ୍ୟବେକ୍ଷକ ପରିବାରକୁ ଅନେକ ଅନେକ ଶୁଭେଚ୍ଛା ସୁମନାସ ଓ ଅଭିନନ୍ଦନ
॥ ପାରାଦୀପ ବିକାଶ ପରିଷଦ




ଦୈନିକ ଖବର କାଗଜ 'ପର୍ଯ୍ୟବେକ୍ଷକ'ର ୨୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଡା.ରାସେଶ୍ୱରୀ ପାଣିଗ୍ରାହୀ
ବିଜେଡି ରାଜ୍ୟ ସାଧାରଣ ସଂପାଦକ ଓ ଦଳୀୟ ପ୍ରବକ୍ତା, ପୂର୍ବତନ ବିଧାୟିକା

KNDA

## କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

ଚୋରଦା, ପୋ-ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା-ଯାଜପୁର

### ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଯାଉଅଛି କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେକୌଣସି ପ୍ରକାରର ଗୃହ କିମ୍ବା ଜମି ବିଭକ୍ତିକରଣ କରିବା ନିମିତ ନକ୍ସା ଅନୁମୋଦନ ନିମିତ ଆବେଦନ ଓଡ଼ିଶା ସରକାର ଆଦେଶାନୁଯାୟୀ ଅନ୍ ଲାଇନ ମାଧ୍ୟମରେ କରାଯାଉଅଛି ।

ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳସ୍ଥିତ ୧୬୧ ମୌଜା ମଧ୍ୟରୁ ବ୍ୟାସନଗର ପୌରାଞ୍ଚଳସ୍ଥିତ ୨୦ ଗୋଟି ମୌଜା ବ୍ୟତୀତ କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳର ବାକି ୧୪୧ ଗୋଟି ମୌଜା ମଧ୍ୟରେ ଯେକୌଣସି ପ୍ରକାରର ଗୃହ କିମ୍ବା ଜମି ବିଭକ୍ତିକରଣ କରିବା ପୂର୍ବରୁ ଆଇନ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଅନ୍‌ଲାଇନ ମାଧ୍ୟମରେ ଏହାର ନକ୍ସା ମଞ୍ଜୁରୀ କରାଇ ନିଅନ୍ତୁ । କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ-୧୯୮୨, ଧାରା ୯୦, ୯୧,୯୨ ଓ ୯୪ ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସଚିବ
କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

ପର୍ଯ୍ୟବେକ୍ଷକ ଖବରକାଗଜ ବାର୍ଷିକ ଉତ୍ସବରେ ଅଗଣିତ ପାଠକ ଓ ପାଠିକା ମାନଙ୍କୁ ଅଜସ୍ର ଅଭିନନ୍ଦନ ।



ନିର୍ଭୟ କୁମାର ସାମନ୍ତରାୟ
ଉଚ୍ଚତମ ନ୍ୟାୟାଳୟ ଆଇନଜୀବୀ

## ରାଷ୍ଟ୍ରପତି ଆଗାମୀ ୧୦ରେ ଓଡ଼ିଶା ଆସିବେ

ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରପତି ଦ୍ରୌ ପଦୀ ମୁର୍ମୁ ଆଗାମୀ ୧୦ ତାରିଖରେ ଓଡ଼ିଶା ଆସିବେ । ଏହି ଗସ୍ତ ସମୟରେ ସେ ରମାଦେବୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଏନେଇ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଅପରାହ୍ଣ ୪ଟା ୧୫ ମିନିଟ୍ ସମୟରେ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ । ମିଳିଥିବା ସୂଚନା ଅନୁସାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଂଚିବେ । ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦ୍ୱିତୀୟ ଥର ପାଇଁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ୧୦ରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଂଚିବେ । ଗସ୍ତକାଳରେ ସେ ରାଜଭବନରେ ଅବସ୍ଥାନ କରିବେ ।ରାଷ୍ଟ୍ରପତି ଦ୍ରୌ ପଦୀ ମୁର୍ମୁ ୧୧ ତାରିଖ ସକାଳ ୯ଟା ୧୫ରେ ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବେ ।

## ନବ ଦାସଙ୍କୁ ହତ୍ୟା ଘଟଣା: ମନ୍ତ୍ରୀଙ୍କ ପିଏସଓ ନିଲମ୍ବିତ, ବ୍ରଜରାଜନଗର ଆଇଆଇସିଙ୍କ ବଦଳି

ଭୁବନେଶ୍ୱର, (ପି.ଏନ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳିମାଡ଼ ଘଟଣାରେ ରାଜ୍ୟ ସରକାର ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗତ କାଲି ଝାରସୁଗୁଡା ଏସପି ଓ ବ୍ରଜରାଜନଗର ଏସଡିପିଓଙ୍କୁ ବଦଳି କରାଯିବା ପରେ ଆଜି ଦିବଙ୍ଗତ ମନ୍ତ୍ରୀଙ୍କ ପିଏସଓ ମିତ୍ରଭାନୁ ଦେଓଙ୍କୁ ନିଲମ୍ବିତ କରାଯାଇଛି । ଏଣେ ବ୍ରଜରାଜନଗର ଆଇଆଇସି ଓ ସବ୍‌ଇନ୍ସପେକ୍ଟରଙ୍କୁ ବଦଳି କରାଯାଇଛି । ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ସମ୍ବଲପୁର ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ, ଏସଆଇ ଶଶିଭୂଷଣ ପୋଢ଼ଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ତେଣେ ସମ୍ବଲପୁରରେ ଥିବା ଇନ୍ସପେକ୍ଟର ଧବଳେଶ୍ୱର ସାହୁଙ୍କୁ ବ୍ରଜରାଜନଗରର ନୂଆ ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି ।

*With Best Wishes From*
DHENKANAL DISTRICT CHEMISTS & DRUGGISTS ASSOCIATION


PRADIPTA KUMAR MISHRA
PRESIDENT


PRAVAT KUMAR PANY
TREASURER


DILLIP KUMAR MISHRA
HON. SECRETARY

Supporting Public Health Engineering since, last 50 years



Ori-Plast®
LIFE LINES... NOT JUST PIPE LINES




O T Road, Balasore - 756001, Phone:06782 264551/52/53, Fax: 06782 262551, Email: sales@oriplast.com, Web: www.oriplast.com

ADMISSION OPEN
MAHARISHI PLAY SCHOOL
A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray